

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୯ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 November 2024

Vol.No. 35 ■ No.297 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତ ଏକ ମହାନ ଦେଶ, ବିଶ୍ୱ ମହାଶକ୍ତିରେ ଏହାକୁ ସାମିଲ କରାଯିବା ଦରକାର: ପୁଟିନ



ନୂଆଦିଲ୍ଲୀ, ୦୮/୧୧ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଥରେ ଭାରତକୁ ହୃଦୟ ଖୋଲି ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି ପୁଟିନ ଭାରତକୁ ଏକ ମହାନ ଶକ୍ତି ବୋଲି ମଧ୍ୟ କହିଛନ୍ତି । ଏହାସହ ଭାରତୀୟ ଅର୍ଥବ୍ୟବସ୍ଥା, ସଂସ୍କୃତି ଏବଂ ଭବିଷ୍ୟତର ସମ୍ଭାବନାକୁ ଜୋରଦାର ପ୍ରଶଂସା କରିଛନ୍ତି । ଭାରତର ଆର୍ଥିକ ଅଭିବୃଦ୍ଧି ଏବଂ ଏହାର ବିଶାଳକା ଦୃଷ୍ଟିରେ ରଖି ଏହାକୁ ବୈଶ୍ୱିକ ମହାଶକ୍ତି ସୂଚୀରେ ସାମିଲ କରାଯିବା ଦରକାର । ରୁଷର ସୋଚି ସହରରେ ବାଲଦାଇ ଡିକ୍ସସନ କ୍ଲବରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପୁଟିନ ଏହି କଥା କହିଛନ୍ତି । ପୁଟିନ ନିଜ ସମ୍ବୋଧନରେ କହିଛନ୍ତି, 'ଆମେ ଭାରତ ସହ ନିଜ ସମ୍ପର୍କକୁ ବିଭିନ୍ନ କ୍ଷେତ୍ରରେ ମଜଭୁତ କରୁଛୁ । ଭାରତ ଏକ ମହାନ ଦେଶ । ଏହା ଆର୍ଥିକ ବିକାଶ ମାମଲାରେ ବଡ଼ ଅର୍ଥବ୍ୟବସ୍ଥା ମଧ୍ୟରେ ପ୍ରମୁଖ । ଏହାର ଜିଡିପି ୭.୪ ପ୍ରତିଶତ ହାରରେ ବୃଦ୍ଧି ପାଉଛି । ରୁଷ ଏବଂ ଭାରତ ମଧ୍ୟରେ ସହଯୋଗ ପ୍ରତିବର୍ଷ ବଢ଼ୁଛି ।' ପୁଟିନ ସୋଭିଏତ୍ ସଂଘ କାଳରୁ ଭାରତ ସହ ରୁଷର ସମ୍ବନ୍ଧକୁ ଉଲ୍ଲେଖ କରି ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ସ୍ୱତନ୍ତ୍ର ବୋଲି କହିଛନ୍ତି । ପୁଟିନ ଏହା ବି କହିଛନ୍ତି ଯେ ସୋଭିଏତ୍ ସଂଘ ଭାରତର ସ୍ୱାଧୀନତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ରୁଷ ରାଷ୍ଟ୍ରପତି କହିଛନ୍ତି, 'ଭାରତକୁ ବୈଶ୍ୱିକ ମହାଶକ୍ତି ସୂଚୀରେ ସାମିଲ କରାଯିବା ଦରକାର । ଏହା ଦେଢ ବିଲିୟନ ଲୋକଙ୍କ ଦେଶ ଏବଂ ଦୁନିଆରେ ସବୁଠୁ ଦ୍ରୁତ ବେଗରେ ବଢ଼ିଥିବା ଅର୍ଥନୀତି ମଧ୍ୟରୁ ଗୋଟିଏ । ଏହାର ସଂସ୍କୃତି ଅତି ପ୍ରାଚୀନ ଏବଂ ଏହା ପାଖରେ ଭବିଷ୍ୟତରେ ବିକାଶର ଅପାର ସମ୍ଭାବନା ରହିଛି ।' ରୁଷ ରାଷ୍ଟ୍ରପତି କହିଛନ୍ତି ଯେ ଭାରତ ଏବଂ ରୁଷ ପ୍ରତିରକ୍ଷା କ୍ଷେତ୍ରରେ ବି ସହଯୋଗ ବଢାଉଛନ୍ତି । ଭାରତୀୟ ସେନା ପାଖରେ ଅନେକ ପ୍ରକାର ରୁଷ ହତିଆର ଅଛି । ଏହା ଦୁଇ ଦେଶ ମଧ୍ୟରେ ଥିବା ବିଶ୍ୱାସକୁ ଦର୍ଶାଉଛି । ଆମେ କେବଳ ନିଜ ହତିଆର ଭାରତକୁ ବିକ୍ରି କରୁ ନାହୁଁ ବରଂ ମିଳିତ ଭାବେ ଆମେ ଏହାକୁ ଡିଜାଇନ ମଧ୍ୟ କରୁଛୁ । ଉଲ୍ଲେଖଯୋଗ୍ୟ ଯେ ଭାରତ ଏବଂ ରୁଷ ମିଳିତ ଭାବେ ବ୍ରହ୍ମୋସ ମିସାଇଲ୍ ବିକଶିତ କରିଛନ୍ତି । ଭାରତ ବ୍ରହ୍ମପୁତ୍ର ଏବଂ ରୁଷର ମୋସ୍କାଭା ନଦୀର ନାଁକୁ ଯୋଡ଼ି ବ୍ରହ୍ମୋସ ନାଁ ଦିଆଯାଇଛି ।

## ସୈତାନ୍ ବୟଫ୍ରେଣ୍ଡର ସାଂଘାତିକ କାଣ୍ଡ: ପ୍ରେମିକାର ଆପତ୍ତିଜନକ ଭିଡ଼ିଓ ଉଠାଇ ଗଣଦୁଷ୍କର୍ମ




କଟକ, ୦୮/୧୧ (ନି.ପ୍ର): ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରଯାଇଥିବା ଅଭିଯୋଗ ହୋଇଛି । ଏପରି ସାଂଘାତିକ ଅଭିଯୋଗ ଆସିଛି କଟକରୁ । ଛାତ୍ରୀଙ୍କ ବୟଫ୍ରେଣ୍ଡ୍ ଓ ତା'ସାଙ୍ଗ ମାନେ ମିଶି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଉଠାଇ ବ୍ଲାକମେଲ କରିବା ସହ ବାରମ୍ବାର ଦୁଷ୍କର୍ମ କରିଥିବା ଥାନାରେ ▶▶ପୃଷ୍ଠା ୭

## ୩ ଦିନ ହେଲା ରାଜ୍ୟର ସବୁ ପୋଷ୍ଟ ଅଫିସରେ ଲିଙ୍କ ଫେଲ୍

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ଗତ ୩ ଦିନ ହେଲା ରାଜ୍ୟର ସମସ୍ତ ମୁଖ୍ୟ ପୋଷ୍ଟ ଅଫିସରେ ଟଙ୍କା ଦେଣ ନେଣ ଠପ୍ ହୋଇଯାଇଛି । ଲିଙ୍କ ଫେଲ ଯୋଗୁ ଏହି ଅବ୍ୟବସ୍ଥା ଦେଖାଦେଇଛି । ଯେଉଁଥିପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୁବନେଶ୍ୱର ପ୍ରଧାନ ଡାକଘରେ ମଧ୍ୟ ଲିଙ୍କ ଫେଲ୍ ବୋଲି ସାଇନ ବୋର୍ଡ ମରାଯାଇଥିବା ବେଳେ କର୍ମଚାରୀମାନେ ହାତ ଯୋଡ଼ି ବସିଥିବା ଦେଖିବାକୁ ମିଳିଛି । ଆଉ କିଛି ଚେୟାର ଖାଲି ପଡ଼ିଛି । ଦୂର ଦୁରାନ୍ତରୁ ଲୋକେ ଟଙ୍କା ଜମା କରିବା ଓ ଟଙ୍କା ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ଲଭ୍ ଜିହାଦ୍: ଧରାପଡ଼ିଲେ କଶ୍ମୀର ଯୁବକ

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ଭୁବନେଶ୍ୱରରେ ଲଭ୍ ଜିହାଦ୍ । ଧରାପଡ଼ିଲେ କଶ୍ମୀର ଯୁବକ । ଅଭିଯୁକ୍ତ କଶ୍ମୀର ଯୁବକକୁ କଟକରେ ପୁଲିସ୍ ଅଟକ ରଖିଛି । ଅନ୍‌ଲାଇନ୍ ଗେମ୍‌ରୁ ଆରମ୍ଭ ହୋଇଥିଲା ହିନ୍ଦୁ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ । ଜଗତସିଂହପୁରର ଯୁବତୀଙ୍କୁ ନେବା ପାଇଁ ଆସିଲା ବେଳେ ମାଡ଼ି ବସିଲା ପୁଲିସ୍ । ଫ୍ରି ଫାୟାର ଗେମ୍ ଖେଳୁଥିବା ବେଳେ ରୀମା(ଛଦ୍ମନାମ) ୨୦୨୨ ମସିହାରେ ସମୀରଙ୍କ ସଂସ୍ପର୍ଶରେ ଆସିଥିଲେ । ସମୀରଙ୍କ ଘର ବିହାରରେ ହୋଇଥିବା କଶ୍ମୀରରେ ଚାକିରି କରୁଛନ୍ତି । ସେ ନିଜର ତଥ୍ୟକୁ ଗୋପନ ରଖିଥିଲେ । ସେ ହିନ୍ଦୁ ବୋଲି ରୀମାଙ୍କୁ ପରିଚୟ ଦେଇଥିଲେ । ତେଣୁ ଉଭୟ ଫୋନ୍ ନମ୍ବର ଦିଆ ନିଆ ହୋଇଥିଲେ । ତା'ପରେ ଆରମ୍ଭ ହୋଇଥିଲା ଲଭ୍ ଗେମ୍ । ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ । ଉଭୟ ଘଣ୍ଟା ଘଣ୍ଟା ଧରି ଭିଡିଓ କଲ୍‌ରେ ଭାବ ଦିଆନିଆ ହେଉଥିଲେ । ଅଭିଯୋଗ ଅନୁସାରେ ରୀମାଙ୍କୁ ଦେଖା କରିବା ପାଇଁ ସମୀର ଅନେକ ବାର ଓଡ଼ିଶା ଆସିଥିଲେ । ଶେଷ ଥର ପାଇଁ ସମୀର ୨୦୨୪ ମାର୍ଚ୍ଚ ମାସରେ ଓଡ଼ିଶା ଆସିଥିଲେ ।
▶▶ପୃଷ୍ଠା ୭

## ବିଜେଡିର ପରାଜୟ ପାଇଁ ନବୀନ ଦାୟୀ: ଦଳର ପୂର୍ବତନ ବିଧାୟକ



ଭୁବନେଶ୍ୱର, ୦୮/୧୧ (ନି.ପ୍ର): ଭି.କେ ପାଣ୍ଡିଆନଙ୍କ ଯୋଗୁ ଗତ ନିର୍ବାଚନରେ ବିଜେଡି ହାରିଲା । ପୂର୍ବରୁ ବିଜେଡିର କେତେକ ନେତା ପରୋକ୍ଷରେ ହେଉ ଅବା ପ୍ରତ୍ୟକ୍ଷରେ ତାଙ୍କ ଉପରକୁ ଅଙ୍ଗୁଳି ଉଠାଇ ଏହି କଥା କହିଥିଲେ । କିନ୍ତୁ ଆଜି ବିଜେଡି ନେତା ତଥା ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା ଗଣମାଧ୍ୟମରେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ସେଥିରେ ସେ ଦଳର ପରାଜୟ ପାଇଁ ନବୀନ ପଟ୍ଟନାୟକଙ୍କୁ ଦାୟୀ କରିଛନ୍ତି । ସୁଶାନ୍ତ ବେହେରା କହିଛନ୍ତି ଯେ, ଦଳ ଟିକେ ଭୁଲ୍ ବାଟରେ ପରିଚାଳିତ ହୋଇଥିଲା । କିନ୍ତୁ ଏବେ ଆଉ ସେହି ଭୁଲ ପନ୍ଥା ଆପଣାଇ ନାହିଁ । ଏବେ ଦଳ ଠିକ୍ ରାସ୍ତାକୁ ଆସି ସାରିଲାଣି । ଦଳକୁ ସାଧାରଣତଃ ତତ୍କାଳୀନ ମାନ୍ୟବର ମୁଖ୍ୟମନ୍ତ୍ରୀ ଟିକେ ବୋଧେ ଅଣଦେଖା କଲେ । ଯାହା ଫଳରେ ଦଳ ପରାଜିତ ହେଲା । ଦଳର ସଭାପତି ନିଜେ ସମସ୍ତ ସଭାସମିତିରେ ଯୋଗ ଦେବା ▶▶ପୃଷ୍ଠା ୭

## ୧୦ ହଜାର ମେଗାୱାଟ ବିଦ୍ୟୁତ ଯୋଗାଣ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୮/୧୧ (ନି.ପ୍ର): ଆସନ୍ତା ୨୦୨୯-୩୦ ମସିହା ବେଳକୁ ରାଜ୍ୟରେ ପ୍ରାୟ ୧୦ହଜାର ମେଗାୱାଟର ବିଦ୍ୟୁତ ଆବଶ୍ୟକତା ରହିଛି । ଏହି ବିଦ୍ୟୁତ ଚାହିଦା ପୂରଣ ନିମନ୍ତେ ଏବେଠୁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରି ସେଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ବିଦ୍ୟୁତ ଭିତ୍ତିଭୂମି ଓ ଯୋଗାଣ ଆଦି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଶକ୍ତି ଉତ୍ପାଦନ, ବିଦ୍ୟୁତ ସରବରାହ ଓ ବଂଟନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଜ୍ୟରେ ଏବେ ପ୍ରାୟ ୧କୋଟି ବିଦ୍ୟୁତ ଉପଭୋକ୍ତା ଅଛନ୍ତି । ସେମାନଙ୍କ ପାଇଁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ । ଦ୍ରୁତ ଶିଳ୍ପାୟନ, ଆର୍ଥିକ ଅଭିବୃଦ୍ଧି ▶▶ପୃଷ୍ଠା ୭

## ସୁଧୁରିଲେନି ଡାକ୍ତର ବାବୁ: ଲାଞ୍ଚ ନେଇ ଧରାପଡ଼ିଲେ



କୋରାପୁଟ, ୦୮/୧୧ (ନି.ପ୍ର): ଲାଞ୍ଚ ନେଉଛନ୍ତି ବୋଲି ଅଭିଯୋଗ ହୋଇଥିଲା । ତେଣୁ ତାଙ୍କୁ ବଦଳି କରାଯାଇଥିଲା । ତଥାପି ସେ ସୁଧୁରିଲେନି । ଆଉ ଆଜି ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଏହି ସରକାରୀ ବାବୁ ହେଉଛନ୍ତି ଜଣେ ଡାକ୍ତର । ▶▶ପୃଷ୍ଠା ୭

## ପୁଲିସ ନକ୍ସଲ ଗୁଳି ବିନିମୟ: ୨ ନକ୍ସଲ ମୃତ

ମାଲକାନଗିରି, ୦୮/୧୧ (ନି.ପ୍ର): ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି । ଏହି ଗୁଳିବିନିମୟରେ ୨ ଜଣ ନକ୍ସଲ ନିହତ ହୋଇଥିବାବେଳେ ବିପୁଳ ପରିମାଣରେ ମାଓ ସାମଗ୍ରୀ ଜବତ କରାଯାଇଛି । ଘଟଣା ଅନୁଯାୟୀ ବିଶେଷ ସୂତ୍ରରୁ ▶▶ପୃଷ୍ଠା ୭

## ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ସ୍ମୃତିସଭା



ବାଲେଶ୍ୱର, ୦୮/୧୧ (ନି.ପ୍ର): ଦିବଂଗତ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ମୃତି-ଶ୍ରଦ୍ଧାଞ୍ଜଳି ସଭା ଜିଲା ସାମ୍ବାଦିକ ପ୍ରକୋଷ୍ଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ପ୍ରେସ୍ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ସଂଯୋଜନା କରିଥିଲେ । ସାମ୍ବାଦିକ ରଂଜନ ବାଗ୍, ଅପର୍ଣ୍ଣା ମହାପାତ୍ର, ଉବାଚକ ମହାନ୍ତି, 'ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ମୋହନ ଦାସ, 'ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସ୍ୱର୍ଗତ ମହାନ୍ତିଙ୍କ ସମ୍ପର୍କୀୟ ଭାଇ ହରିବ୍ରତ ରାୟ, ମାୟାଧର ବିଶ୍ୱାଳ, ସମାଜସେବୀ ଯଶୋଦା ନନ୍ଦନ ଆଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ କର୍ମଚାରୀ ପୁରୁଷୋତ୍ତମ ସେଠୀ, ସାମ୍ବାଦିକ ମନୋଜ ରାଉଳ, ରବିରଂଜନ ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ହାଇଦର ଖାନ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଜୀବନାଦର୍ଶ ଓ ବିଗତ ଦିନର କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ ବି ସେ ବାଲେଶ୍ୱରକୁ ନିଜର କର୍ମଭୂମି ଭାବେ ବାଛି ନେଇଥିଲେ । ଜଣେ ଅହଙ୍କାରଶୂନ୍ୟ ତଥା ଦରଦୀ ବ୍ୟକ୍ତିତ୍ୱ ଭାବେ ପ୍ରତିଟି କ୍ଷେତ୍ରରେ ତାଙ୍କର ଦଖଲ ଥିଲା ବୋଲି ବକ୍ତାମାନେ କହିଥିଲେ । ସତ୍ୟର ପ୍ରତୀକ ଭାବେ ସେ ସମସ୍ତଙ୍କର ପ୍ରିୟ ହୋଇ ନିଜ ନାମ 'ସତ୍ୟପ୍ରିୟ'କୁ ସାର୍ଥକ କରିଥିଲେ ବୋଲି ଏହି ସ୍ମୃତିସଭାରେ ସମସ୍ତେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ, ଧୂପ ଓ ଦୀପ ଅର୍ପଣ ସାଙ୍ଗକୁ ନୀରବ ପ୍ରାର୍ଥନା କରି ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । କାଞ୍ଚମଣି ସ୍ୱାଇଁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଶେଷ କାର୍ଯ୍ୟ ଦିବସରେ ଭାବପ୍ରବଣ ହେଲେ ସିଜେଆଇ ଚନ୍ଦ୍ରଚୂଡ଼: କହିଲେ- ଆଜିଠୁ ମୁଁ ନ୍ୟାୟ କରିପାରିବି ନାହିଁ



ନୂଆଦିଲ୍ଲୀ, ୦୮/୧୧ : ଶେଷ କାର୍ଯ୍ୟ ଦିବସରେ ଭାବପ୍ରବଣ ହେଲେ ସୁପ୍ରମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ । ନଭେମ୍ବର ୮ରେ ଉଔଓ ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କର ଶେଷ କାର୍ଯ୍ୟ ଦିବସ ଥିଲା । ଏହି ସମୟ ମଧ୍ୟରେ, ସେ ଶେଷ ୱାର୍କିଂ ଡେ'ରେ ୭ ଜଣିଆ ଖଣ୍ଡପୀଠରେ ସେ ଯୋଗ ଦେଇଥିଲେ । ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ସଂଖ୍ୟାଲଘୁ ମାନ୍ୟତା ଉପରେ ମଧ୍ୟ ତାଙ୍କ ରାୟ ଦେଇଥିଲେ । କାର୍ଯ୍ୟ ଶେଷ ପୂର୍ବରୁ ସେ କହିଥିଲେ - କାଲିଠୁ ମୁଁ ନ୍ୟାୟ କରିପାରିବି ନାହିଁ । କିନ୍ତୁ ମୁଁ ସନ୍ତୁଷ୍ଟ ଅଛି । ଯଦି ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ମାମଲାରେ ଏହି ରାୟ ଦେବା ପରେ ଜଷ୍ଟିସ ପାମିଡିଗାନ୍ତମ ଶ୍ରୀ ନରସିଂହ ନିଜେ ବେଞ୍ଚରୁ ଉଠି ଜଷ୍ଟିସ ଚନ୍ଦ୍ରଚୂଡଙ୍କ ବିଷୟରେ ନିଜର ଭାବନା ପ୍ରକାଶ କରିଥିଲେକ୍ଷ ସେ କହିଛନ୍ତି ଯେ ଅନେକ କ୍ଷେତ୍ରରେ ମୋର ଭାଇ ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କୁ ପ୍ରଶଂସା କରେ । ମୁଁ ମଧ୍ୟ ଜଣେ ଓକିଲ ଭାବରେ ଅନେକ ଥର ତାଙ୍କ ସହିତ କୋର୍ଟରେ ହାଜର ହୋଇଛୁ । ତା'ପରେ ବେଞ୍ଚରେ ମଧ୍ୟ ମୋ ସହିତ ରହିଲେ । ଅନେକ ମାମଲାର ଶୁଣାଣି କରିବା ସମୟରେ ପରାମର୍ଶ ବି ଦେଇଛନ୍ତି । ଜଷ୍ଟିସ୍ ପାମିଡିଗାନ୍ତମ୍ ଶ୍ରୀ ନରସିଂହ ଆଉ କିଛି କହିବା ପୂର୍ବରୁ ଭାବପ୍ରବଣ ହୋଇ ଉଔଓ ଚନ୍ଦ୍ରଚୂଡ଼ ତାଙ୍କ ହାତକୁ ଥାପୁଡେଇଥିଲେ । ସେତେବେଳକୁ କୋର୍ଟ କାର୍ଯ୍ୟ ଶେଷ ହୋଇଥିଲା । ପରେ ସିଜେଆଇ

## ଜୟପୁର ପୌରାଂଚଳ ପରବ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୦୮/୧୧ (ନି.ପ୍ର): ଜୟପୁର ପୌରାଂଚଳ ପରବ ପାଳନ ନେଇ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୨୧ ତାରିଖ ପୌରାଂଚଳ ସ୍ତରୀୟ ପରବ ଉଦଘାଟନ ହେବ । ଅଧିଷ୍ଠାତ୍ରୀ ମା ଭଗବତୀଙ୍କ ମନ୍ଦିରରୁ ଶୁଭାରମ୍ଭ ହୋଇ ମଶାଲ ବାହାରିବ । ଏକ ବିରାଟ ଶୋଭାଯାତ୍ରା ରେ ଜୟପୁର ଦଶହରା ପଡିଆରେ ପହଂଚିବ । ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୩ ତାରିଖରେ ଉଦଯାପନ ସମାରୋହ ହେବ ବୋଲି ନିଷ୍ପତି ହୋଇଛି ।

## ସମ୍ବଲପୁରରେ ବିଜେପିର ମିଶ୍ରଣ ପର୍ବ

ସମ୍ବଲପୁର, ୦୮/୧୧ (ନି.ପ୍ର): ରେଢାଖୋଲ ନିର୍ବାଚନମଣ୍ଡଳୀର ସରପଂଚ, ଜନପ୍ରତିନିଧି ଓ ସ୍ଥାନୀୟ ନେତୃତ୍ୱଙ୍କୁ ଦଳରେ ସ୍ୱାଗତ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ଲାଭାର୍ଥୀଙ୍କ ପାଖରେ ପହଂଚାଯିବ ଏବଂ ସମ୍ବଲପୁରର ଆବାଳ ବୃଦ୍ଧବନିତାଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ପହଂଚାଇବା ଆବଶ୍ୟକ। କ୍ଷମତାକୁ ଉପଭୋଗ କରିବା ନୁହେଁ, ଲୋକଙ୍କ ସେବା କରିବା ଆମର ଧର୍ମ । ଆମେ କାର୍ଯ୍ୟକର୍ତାମାନେ ସେବାକୁ ପ୍ରାଥମିକତାରେ ରଖି କାମ କରିବା । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ କିଭଳି ଲୋକଙ୍କ ପାଖରେ ପହଂଚିବ, ତାହାର ଦାୟିତ୍ୱ ନେବା ପାଇଁ ଗୁରୁବାର ସମ୍ବଲପୁରରେ ଦଳ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେବା ଅବସରରେ କାର୍ଯ୍ୟକର୍ତାଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରେଢାଖୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମପଂଚାୟତର ସରପଂଚ, ଜନପ୍ରତିନିଧି ଓ ସ୍ଥାନୀୟ ନେତୃତ୍ୱଙ୍କୁ ଦଳରେ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ସେ କହିଛନ୍ତି ଯେ, ରାଜ୍ୟ ଶାସନ ଦାୟିତ୍ୱରେ ଥିବା ଦଳ ଅଧିକ ଲାଭ ପାଆନ୍ତି ବୋଲି କୁହାଯାଏ କିନ୍ତୁ ଭାରତୀୟ ଜନତା ପାର୍ଟିରେ ତାହା ଭିନ୍ନ । କ୍ଷମତାକୁ ଉପଭୋଗ କରିବା ନୁହେଁ ବରଂ ଲୋକଙ୍କ ସେବା କରିବା ଦରକାର । ନିର୍ମଳ ମନରେ ଲୋକଙ୍କ ସେବା କଲେ ଦଳ ବିଜୟୀ ହୁଏ । ଏଥିପାଇଁ ଆଜି ଅସଂଖ୍ୟ କାର୍ଯ୍ୟକର୍ତାଙ୍କ ପରିଶ୍ରମ ବଳରେ ଜନଆଶୀର୍ବାଦ କାରଣରୁ ରାଜ୍ୟରେ ବିଜେପି ସରକାର ହୋଇଛି । ନୂଆ ରାଜ୍ୟ ସରକାର ଗଠନ ପରେ ସୁଭଦ୍ରା ଯୋଜନା ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି । ଧାନର ଏମଏସପି କ୍ୱିଂଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରାଯାଇଛି । ଚାଷୀର ବ୍ୟାଙ୍କ ଖାତାରେ ଏହି ଟଙ୍କା କିପରି ପହଂଚିବ, ତାହାର ଦାୟିତ୍ୱ କାର୍ଯ୍ୟକର୍ତାମାନେ ନେବା ଦରକାର । ସେହିପରି ସମ୍ବଲପୁର ଜିଲ୍ଲାରେ ସବୁ ସ୍ଥାନରେ ପାନୀୟ ଜଳ ସମସ୍ୟା ଦୂର କରିବା, ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରାଇବା, ପିଏମ-ସ୍ୱନିଧି ଯୋଜନାରେ ସହରାଂଚଳର ଉଠା ଦୋକାନୀଙ୍କୁ ଋଣ ଦେବାର ବ୍ୟବସ୍ଥା ଉପରେ ଲୋକଙ୍କୁ ସଚେତନ କରିବା ଦରକାର । ଏହିପରି ପିଏମ ସୂର୍ଯ୍ୟ ଘର ଯୋଜନାରେ ଗରିବ ଲୋକଙ୍କ ଘରେ ସୌର ଚୁଲା ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ ରାଶିର ତଦାରଖ ଦାୟିତ୍ୱ ମଧ କାର୍ଯ୍ୟକର୍ତାମାନେ ନେବା ଦରକାର । ମିଶ୍ରଣ ପର୍ବ ଉପରେ ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ ନେତୃତ୍ୱ ଏବଂ ରାଜ୍ୟରେ ବିଜେପି ସରକାରର କାର୍ଯ୍ୟରେ ଆସ୍ଥାପ୍ରକଟ କରି ଦଳରେ ଯୋଗ ଦେଇଥିବାରୁ ଧନ୍ୟବାଦ । ଏହି ଯୋଗଦାନ ତୃଣମୂଳ ସ୍ତରରେ ଆମର ସଂଗଠନକୁ ଅଧିକ ମଜଭୂତ୍ କରିବ । ସମ୍ବଲପୁରର ଆବାଳ ବୃଦ୍ଧବନିତାଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ପହଂଚାଇବା ସହ ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବା ପାଇଁ ନିଜ ସ୍ତରରେ କର୍ତବ୍ୟ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

## ବନାନୀ ପକ୍ଷରୁ ନାଟକ ଅଭିନେତ୍ରୀ ମଂଚସ୍ଥ ନିମନ୍ତେ ପ୍ରସ୍ତୁତି

କନ୍ଧମାଳ, ୦୮/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ବନାନୀ କଳା ସଙ୍ଗମ ପକ୍ଷରୁ ୨ ୧ ତମ ନାଟକ 'ଅଭିନେତ୍ରୀ' ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ଫୁଲବାଣୀର ସଭାଘର ଠାରେ ଦୁଇଦିନ ବ୍ୟାପି ମଂଚସ୍ଥ ହେବ। ଏଥିପାଇଁ ବୁଧବାର ବନାନୀ ଠାରେ ଅବସର ପ୍ରାପ୍ତ କମାଣ୍ଡାଂଟ ତଥା ବରିଷ୍ଠ କଳାକାର ନବୀନ କିଶୋର ପଣ୍ଡା, ସାଧାରଣ ସମ୍ପାଦକ ସୁନୀଲ ପଟନାୟକଙ୍କ ଦ୍ୱାରା ନାଟକ ବହି ପୂଜା ଅନୁଷ୍ଠିତ ହୋଇଥିଲା। ପରେ କଳାକାରମାନଙ୍କ ଦ୍ୱାରା ରୀତିମତ ରିଅରସଲ ଆରମ୍ଭ ହୋଇଥିଲା। ଲେଖକ ଲିଙ୍ଗରାଜ ନାହାକଙ୍କ ଦ୍ୱାରା ଲିଖିତ 'ଅଭିନେତ୍ରୀ' ଏକ ସାମାଜିକ ନାଟକ। ଅନ୍ୟମାନଙ୍କ ମଧ୍ୟରେ ବନାନୀ କଳା ସଙ୍ଗମର ସଭାପତି ଡ଼ଃ. ଅରୂପ ଜେନା, ସାଧାରଣ ସମ୍ପାଦକ ସୁନୀଲ ପଟନାୟକ, ସଂଗଠନ ସମ୍ପାଦକ ଅଶୋକ ପରିଡ଼ା ପ୍ରମୁଖ ଯୋଗଦେଇ ନାଟକର ସଫଳତା କାମନା କରିଥିଲେ। ସେହିପରି ନାଟକର ବିଭିନ୍ନ ଭୂମିକାରେ ଯୁଧିଷ୍ଠିର ମହାନ୍ତି, ବିଭୁତି ପଣ୍ଡା, ସୁକାନ୍ତ ବେହେରା, ସୁର ପ୍ରସାଦ ନାୟକ, ନବୀନ କିଶୋର ପଣ୍ଡା, ବିନୋଦ ସାହୁ ଅଭିନୟ କରୁଛନ୍ତି। ଅନ୍ୟ ମାନଙ୍କ ମଧରେ ବିରଜା ପ୍ରସାଦ ନାହାକ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନାଟକର ନିର୍ଦ୍ଦେଶନା ଦେଉଛନ୍ତି ଡ଼. ଅରୂପ ଜେନା, ପ୍ରଭାତ କୁମାର ଦାସ ଓ ବିଜୟ ପଟ୍ଟନାୟକ। ନାଟକର ଲାଭାଂଶ ଅର୍ଥ ଜିଲ୍ଲା ରେଡ଼କ୍ରସ ସଂସ୍ଥାକୁ ଦିଆଯିବ ବୋଲି ନିଷ୍ପତି ହୋଇଛି।

## କାଜିପୁର ଗ୍ରାମରେ ଗିରିଗୋବର୍ଦ୍ଧନଙ୍କ ପୂଜା

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): ଡେରାବିଶ ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ କାଜିପୁର ଗ୍ରାମରେ ବୁଣାକାରମାନଙ୍କର ଆରାଧ ଦେବତା ଶ୍ରୀ ଶ୍ରୀ ଗିରିଗୋବର୍ଦ୍ଧନଙ୍କ ପୂଜା ମହାସମାରୋହରେ ପାଳନ ହେଉଛି। ଏହି ଉପଲକ୍ଷେ ଗତ ଶନିବାର ଠାରୁ ଶ୍ରୀ ଶ୍ରୀ ଗୋବର୍ଦ୍ଧନଙ୍କ ମୃଣ୍ମୟୀ ମୂର୍ତି ପୂଜା ମଣ୍ଡପରେ ପୂଜା ପାଇ ଆସୁଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପୂଜା କମିଟିର ସଦସ୍ୟ ଭରତ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ପ୍ରତ୍ୟେହ ପ୍ରଭୁ ଗୋବର୍ଦ୍ଧନ ଧାରୀଙ୍କ ଶୋଡ଼ଷ ଉପଚାର ପୂଜାରେ ଗ୍ରାମବାସୀ ତଥା ଅଂଚଳର ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପ୍ରଭୁଙ୍କ କୃପାଭିକ୍ଷା କରୁଥିବା ଜଣାଯାଇଛି।

## ସିଡନୀଠାରେ ପ୍ରବାସୀ ଓଡିଆ ସମାଜ ପକ୍ଷରୁ ବାଚସ୍ପତିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ତାଙ୍କ ବିଦେଶ ଗସ୍ତ କାର୍ଯ୍ୟକ୍ରମ ଅବସରରେ ଅଷ୍ଟ୍ରେଲିଆର ସିଡନୀ ଠାରେ ଆୟୋଜିତ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀରେ ଯୋଗ ଦେଇଥିବାବେଳେ ସେଠାକାର ପ୍ରବାସୀ ଭାରତୀୟ ତଥା ଓଡିଆ ସମାଜ "ଓରିଓଜ୍"ପକ୍ଷରୁ ବାଚସ୍ପତିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯିବା ସହ ଏକ ବନ୍ଧୁ ମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସିଡନୀରେ ଥିବା ବହୁ ପ୍ରବାସୀ ଓଡିଆ ଯୋଗ ଦେଇଥିଲେ । ଏହି ଅବସରରେ ବାଚସ୍ପତି ପ୍ରବାସୀ ଓଡିଆ ମାନଙ୍କ ସହ ସାମାଜିକ, ସାଂସ୍କୃତିକ ଚଳଣି ଓ ଓଡିଆ ଅସ୍ମିତାକୁ ନେଇ ବଜାୟ ରଖିଥିବା ଭାବଧାରା ସମ୍ପର୍କରେ ଆଲୋଚନା କରିଥିଲେ । ସେଠାକାର "ଓରିଓଜ୍"ସାଂସ୍କୃତିକ ଶାଖାର ସମ୍ପାଦିକା ସ୍ମିତା ସାମନ୍ତରାୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଓଡିଆମାନେ କିପରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସହ ଏକତା ଓ ଭାଇଚାରା ଭାବଧାରାରେ ବାନ୍ଧି ହୋଇ ଓଡିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରିଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ "ଓରିଓଜ୍" ର ପୂର୍ବତନ ସଭାପତି ସୁଜିତ୍ ଜେନା, ଉପସଭାପତି ତାପସ ସେନାପତି ସିଡନୀ ଠାରେ ପ୍ରଭୁ ଜଗନ୍ନାଥଙ୍କର ଏକ ମନ୍ଦିର ପ୍ରତିଷ୍ଠା କରିବାସହ ସେଠାରେ ରଥଯାତ୍ରା ଆୟୋଜନ କରିବାର ଯୋଜନା ସମ୍ପର୍କରେ ବାଚସ୍ପତିଙ୍କୁ ଅବଗତ କରିଥିଲେ । ବାଚସ୍ପତି ମଧ ସେଠାରେ ଥିବା "ଲିଟିଲ୍ ଇଣ୍ଡିଆ"ଅଂଚଳ ଗସ୍ତ କରିଥିଲେ ଓ ଉପସ୍ଥିତ ପ୍ରବସୀ ଓଡିଆମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଅବସରରେ ବାଚସ୍ପତି ସିଡନୀରେ ଓଡିଆ ସଂସ୍କୃତି,ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର, ଓ ଓଡିଆ ଅସ୍ମିତାର ପ୍ରତିଷ୍ଠା ଦିଗରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବେ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ "ଓରିଓଜ୍"ପକ୍ଷରୁ ରାଜିବ ପାତ୍ର, ଅଞ୍ଜଳି ପାତ୍ର, ଦେବ ପଟ୍ଟନାୟକ, ଅନୁରାଧା ପଟ୍ଟନାୟକ, ମିହିର ରାୟ, ଶୈବାଳିନୀ ସାହୁ, ନ୍ୟୁଟନ ଦାସ, ଭାଗ୍ୟଶ୍ରୀ ଜେନା, କୌଶଳ ନନ୍ଦନ, ଶୁଭମ ବେହାରା ଓ ଜୟ ବେହେରାଙ୍କ ସହ ଶ୍ରୀ ବିପିନ ପାଢୀ ଓ ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ

## ଭାରତ ସ୍କାଉଟ ଏବଂ ଗାଇଡ଼ର ୭୫ତମ ପ୍ରତିଷ୍ଠା ଉତ୍ସବ ପାଳିତ

ପଟ୍ଟାମୁଣ୍ଡାଇ, ୦୮/୧୧ (ନି.ପ୍ର): ଭାରତ ସ୍କାଉଟ ଏବଂ ଗାଇଡ଼ର ୭୫ତମ ପ୍ରତିଷ୍ଠା ଉତ୍ସବ କେନ୍ଦ୍ରାପଡ଼ା ଜିଲ୍ଲା ସଂଗଠନ ତରଫରୁ ମହା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଆଜିକୁ ଠିକ ୭୫ ବର୍ଷ ତଳେ ୧୯୫୦ ମସିହା ନଭେମ୍ବର ୭ ତାରିଖ ଦିନ ଭାରତ ସ୍କାଉଟ ଗାଇଡ଼ର ପ୍ରତିଷ୍ଠା ହୋଇଥିଲା ଯାହା ଆଜି ଦେଶର ଲକ୍ଷ ଲକ୍ଷ ଯୁବଛାତ୍ରଙ୍କ ଭିତରେ ସେବା ଓ ସଂସ୍କାରର ଭାବନା ଜାଗ୍ରତ କରିଚାଲଛି। ଦେଶହିତର ସମସ୍ତ କାର୍ଯ୍ୟରେ ଏପରିକି ପ୍ରାକୃତିକ ଦୁର୍ବିପାକ ସମୟରେ ଏହି ସଂଗଠନର ସଦସ୍ୟ ମାନେ ସେବାପ୍ରଦାନ କରିବାରେ ଆଗରେ ରହି ଆସିଛନ୍ତି। ଏ ବର୍ଷ ଭାରତ ସ୍କାଉଟ ଗାଇଡ଼ର ହୀରକ ଜୟନ୍ତୀ ଅବସରରେ କେନ୍ଦ୍ରାପଡା ଜିଲ୍ଲା ସଂଗଠନ ତରଫରୁ ଜିଲ୍ଲା ସେକ୍ରେଟାରୀ ସ୍ମିତାପ୍ରତିଭା ସାହୁଙ୍କ ନେତୃତ୍ୱରେ ଏକ ଓ୍ୱାକାଥନ ଭାରତୀ ବିଦ୍ୟାମନ୍ଦିରରୁ ବାହାରି କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶତାଧିକ ସ୍କାଉଟ, ଗାଇଡ଼, ସ୍କାଉଟ ମାଷ୍ଟର, ଗାଇଡ଼ କ୍ୟାପଟେନ ଏହି ଓ୍ୱାକାଥନରେ ଅଂଶଗ୍ରହଣ କରିଥିଲେ ଏବଂ ଭାରତୀ ବିଦ୍ୟାମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶାନ୍ତିସ୍ୱରୂପ ଭୂୟାଁ ଓ ପ୍ରଧାନ ଆଚାର୍ଯ୍ୟ ବିଜୟିନୀ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ପରିଚାଳନା କମିଟିର ସଭାପତି ଅଶ୍ୱିନୀ କୁମାର ସାହୁ ପତାକା ଦେଖାଇ ଏହି ଓ୍ୱାକାଥନକୁ ଉଦ୍ଘାଟନ କରିଥିଲେ। ଦିନ ୧୧.୦୦ଟା ସମୟରେ ଜିଲ୍ଲା ସ୍କାଉଟ କମିଶନର ପୀତବାସ ପଣ୍ଡାଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ସଂଗଠନ କମିଶନର ଶ୍ରୀଯୁକ୍ତ ଦେବରାଜ ନାୟକ, ଜିଲ୍ଲା ଟ୍ରେନିଂ କମିଶନର ସରୋଜକାନ୍ତ ବିଶ୍ୱାଳ, ହରପ୍ରିୟା କର, ସ୍କାଉଟ ମାଷ୍ଟର ଗୋଲକ ବିହାରୀ ଭୂୟାଁ, ବିଜୟ ପ୍ରଧାନ, ଚନ୍ଦନ ଚର୍ଚ୍ଚିତ ମହାପାତ୍ର, ପ୍ରତାପ ହରିଚନ୍ଦନ,ଗାଇଡ଼ କ୍ୟାପଟେନ ନମିତା ନାୟକ, ମହେଶ୍ୱତା ମିଶ୍ର, ମିନତୀ ବଳ, ପ୍ରଭାସିନୀ ସାହୁ ପ୍ରମୁଖ ସ୍କାଉଟ ଗାଇଡ଼ର ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇଓ୍ୱା ଓ ଟିପର ମାଲିକ ସଂଘ ପକ୍ଷରୁ ୧୧ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): ଜିଲ୍ଲା ହାଇଓ୍ୱା ଓ ଟିପର ମାଲିକ ସଂଘ ତରଫରୁ ୧୧ ଦଫା ଦାବିପତ୍ର ଜିଲ୍ଲା ସଭାପତି ନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ୧୧ ଦଫା ଦାବିଗୁଡ଼ିକ ଯଦି ୧୦ ତାରିଖ ଭିତରେ ପୂରଣ କରାନଯାଏ ତେବେ ଜିଲ୍ଲାର ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ଓ ପରିବହନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିଗୁଡ଼ିକ ମଧ୍ୟରୁ ବାଲି ଖାଦାନଗୁଡ଼ିକରୁ ବାଲି ଉଠାଇଲାବେଳେ ସୂଚାରୁ ରୂପେ କାଗଜପତ୍ର ପ୍ରଦାନ କରିବା, ବାଲି ନେଇ ଯାଉଥିବା ସମୟରେ ଗାଡ଼ିକୁ ବେଆଇନ ଭାବରେ ଅଟକାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଉଛି। ବାଲି ଘାଟ ନିଲାମ ନେଉଥିବା ମାଲିକଙ୍କ ଉପରେ କୌଣସି ପ୍ରକାର ପଦକ୍ଷେପ ନନେଇ ଅଯଥା ଗାଡ଼ି ମାଲିକଙ୍କ ଉପରେ ଅନ୍ୟାୟ ଭାବେ ଅତ୍ୟାଚାର କରାଯାଉଛି। ହାଇଓ୍ୱା ଓ ଟିପର ଗାଡ଼ିର ସମସ୍ତ କାଗଜପତ୍ର ଥିବା ସତ୍ୱେ ଡ୍ରାଇଭରମାନଙ୍କୁ ଥାନାରେ ଅଟକ ରଖି ଜେଲ୍ ପଠାଯାଉଛି। ଏହିଭଳି ୧୧ ଦଫା ଦାବିଗୁଡ଼ିକୁ ପୂରଣ କରିବା ପାଇଁ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ ପ୍ରଭୃତି ୧୭ଗୋଟି ଜିଲ୍ଲାର ସମସ୍ତ ହାଇଓ୍ୱା ଓ ଟିପର ମାଲିକମାନେ ଆସନ୍ତା ୧୦ ତାରିଖ ଦିନ ଗାଡ଼ି ବନ୍ଦ କରି ଦାବି ପୂରଣ ପାଇଁ ରାସ୍ତାକୁ ଓହ୍ଲାଇବେ ବୋଲି ସଭାପତି ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସୁକାନ୍ତ କୁମାର ମହାନ୍ତି, ଗୌରାଙ୍ଗ ପ୍ରସାଦ ସ୍ୱାଇଁ, ହିମାଂଶୁ ମହାପାତ୍ର, ରାଜେଶ ଚନ୍ଦ୍ର ମହାପାତ୍ର, ସେକ ସଜାଉଦ୍ଦିନ, ପ୍ରମୋଦ କୁମାର ସ୍ୱାଇଁ, କ୍ଷୀରୋଦ କୁମାର ଦାଶ, ଏସକେ ରହେମାନ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁର ଜିଲ୍ଲାରେ ନିଷ୍ଠାର ସହିତ ଛଟ୍ ପୂଜା ପାଳିତ

ସମ୍ବଲପୁର, ୦୮/୧୧ (ନି.ପ୍ର): ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଛଟ ପୂଜା ଅନୁଷ୍ଠିତ ହୋଇଛି । ସମ୍ବଲପୁର ଜିଲାରେ ବସବାସ କରୁଥିବା ବିଶେଷ ଭାବରେ ବିହାର, ଉତ୍ତର ପ୍ରଦେଶ, ଝାଡଖଣ୍ଡ ଆଦି ରାଜ୍ୟର ପ୍ରବାସୀ ମାନେ ଏହି ଛଟ ପୂଜା ରେ ସାମିଲ ହୋଇଛନ୍ତି। ଛଟ ପୂଜା କମିଟି ତରଫରୁ ସେମାନଙ୍କର ପାରମ୍ପରିକ ପୂଜା ଛଟ ପୂଜା ଅନୁଷ୍ଠିତ ହୋଇଛି । ମହାନଦୀ ବିଭିନ୍ନ ଘାଟରେ ଓ ପୋଖରୀ ମାନଙ୍କରେ ପରିବାରର ସଦସ୍ୟ ଏକାଠି ହୋଇ ସୂର୍ଯ୍ୟ ପୂଜା ସହିତ ନୀତିକାନ୍ତି କରିଥିଲେ । ଶ୍ରଦ୍ଧାଳୁ ମାନେ ପୂଜା ସାମଗ୍ରୀ ସହିତ ଦଳ ଦଳ ହୋଇ ଖାଲି ପାଦରେ ନଦୀ ଓ ଜଳାଶୟ ରେ ପହଂଚି ସନ୍ଧ୍ୟାରେ ରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳ ଓ ଅର୍ଘ୍ୟ ପ୍ରଦାନ କରିଥିଲେ । ଭିନ୍ନ ଭିନ୍ନ ଛଟ ପୂଜା କମିଟି ପକ୍ଷରୁ ଦିବ୍ୟ ସହସ୍ର ଆଳତୀ ଅନୁଷ୍ଠିତ ହୋଇଥିଲା । ପ୍ରାତଃ ୩ ଘଂଟା ସମୟରୁ ପୂଜା ଆରମ୍ଭ କରାଯାଇ ସକାଳ ୭ ଟା ପର୍ଯ୍ୟନ୍ତ ଉତ୍ସବ ପାଳନ କରିବା ସହିତ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସମ୍ବଲପୁରରେ ଉପସ୍ଥିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଧାତ୍ମିକ ପରିବେଶରେ ଛଠ୍ ପୂଜାରେ ସାମିଲ ହେବା ତାଙ୍କର ସୌଭାଗ୍ୟ ବୋଲି କହିଛନ୍ତି। ଛଠ୍ ପୂଜା ଜନସାଧାରଣଙ୍କ ଆସ୍ଥାର ପବିତ୍ର ପର୍ବ । ପ୍ରକୃତି ସଂରକ୍ଷଣ ଓ ସୂର୍ଯ୍ୟ ଉପାସନାର ମହାନ ପର୍ବ । ଆମ ଭାରତୀୟ ଲୋକସଂସ୍କୃତି, ସଂସ୍କାର ଏବଂ ପରମ୍ପରାର ଏହି ଅନନ୍ୟ ପର୍ବ ସମସ୍ତଙ୍କ ଜୀବନରେ ଖୁସି ଓ ଆନନ୍ଦ ଆଣିଦେଉ। ଆମ ପର୍ବର ବିଚାରଧାରାରେ ବ୍ରତୀ ହୋଇ ସମ୍ବଲପୁରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ସମସ୍ତଙ୍କ ସଂକଳ୍ପ ହେଉ ବୋଲି ସେ କାମନା କରିଛନ୍ତି ।

## ନାକଟିଦେଉଳରେ ବ୍ଲକ୍‌ସ୍ତରୀୟ ସମାନତା ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୦୮/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ସାହେବୀ ଉଚ୍ଚ ବିଦ୍ୟାଳୟ ଠାରେ ସମାନତା ଓ ସମତା ଆଧାରିତ ତିନିଦିନିଆ ବର୍ଣାଳୀ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ର ୪୮ ଜଣ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ସାମାଜିକ ଲିଙ୍ଗ ଭିତିକ ସମତା ଓ ସମାନ୍ ଆଚରଣ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ବ୍ରେକ୍ ଥ୍ରୋ କାର୍ଯ୍ୟକ୍ରମ ରେ ରାଜ୍ୟ ସାଧନ କର୍ମୀ ପ୍ରଜ୍ଞା ପାରମିତା ବସ୍ତିଆ ଯୋଗଦେଇ ଲିଙ୍ଗଭିତିକ ସମାନତାର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଉଦଘାଟନୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଓ ଏବିଇଓ ଶ୍ୟାମ ସୁନ୍ଦର ଦାଶ ମୁଖ୍ୟଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସାହେବୀ ହାଇସ୍କୁଲର ବର୍ଷଠ ଶିକ୍ଷକ ରାଜେନ୍ଦ୍ର ବିଶି ଓ ମୁଖ୍ୟବକ୍ତା ଭାବେ ସାହେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁନ୍ୟବାସୀ ସାହୁ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀ ଶିକ୍ଷକ ମାନଙ୍କୁ ପ୍ରଶଂସାପତ୍ର ଦିଆଯାଥିଲା ଓ ସଚେତନତା ମୂଳକ ନାଟକ ପ୍ରଦର୍ଶିତ ହୋଇଥିଲା।

## ଗୋବରୀ ବାଲିଯାତ୍ରା ଓ ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ତିନିମୁହାଣୀ ସ୍ଥିତ ରାମ ମନ୍ଦିର ପରିସରରେ ଗୋରୀ ବାଲିଯାତ୍ରା ମହୋତ୍ସବ ଓ ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ ସଭାପତି ବିବେକାନନ୍ଦ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅସନ୍ତା ୧୫ ତାରିଖ ଶୁକ୍ରବାର ପବିତ୍ର କାର୍ତିକ ପୂର୍ଣ୍ଣିମା ପରଦିନ ଭୋରରୁ ବୋଇତ ବନ୍ଦାଣ ଓ ଡଙ୍ଗା ଭସାଣୀ କାର୍ଯ୍ୟକ୍ରମ ଚଟିପୋଲ ତଳ କଡ଼ ନଦୀ ପଠାରେ ଅନୁଷ୍ଠିତ ହେବ। ଏହାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ଓ ସରସ ସୁନ୍ଦର କରିବା ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ଅଧିକ ସୁନ୍ଦର ରୂପ ଦେବାପାଇଁ ଡଙ୍ଗା ବୁକିଂ, ଗେଟ୍‌ର ସାଜସଜ୍ଜା ଓ ଆଲୋକୀତ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବାବୁନା ମିଶ୍ର, ସହ ସଂପାଦକ ଶାନ୍ତି ସ୍ୱରୂପ ଭୂୟାଁଙ୍କ ସମେତ ପ୍ରଫୁଲ୍ଲ କୁମାର ଦାସ, ଶଶାଙ୍କ ଶେଖର ଜେନା, ମାଧବାନନ୍ଦ ପ୍ରଧାନ, ପାର୍ବତୀ, ମମତା ଥାପାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିପ୍ଳବୀ ଶହୀଦ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ପୁଣ୍ୟ ଜୟନ୍ତୀ ଅବସରରେ "ଜନଜାତି ଗୌରବ ବର୍ଷ"ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ବିଶିଷ୍ଟ ଆଦିବାସୀ ନେତା ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଳବୀ ଶହୀଦ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ପୂଣ୍ୟ ଜୟନ୍ତୀ ଅବସରରେ ୨୦୨୫ ମସିହାକୁ "ଜନଜାତି ଗୌରବ ବର୍ଷ" ରୂପେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଆସନ୍ତା ନଭେମ୍ବର ୧୫ ତାରିଖରେ ଏହି ଉତ୍ସବର ଶୁଭାରମ୍ଭ କରାଯାଇ ସମଗ୍ର ଭାରତ ବର୍ଷର ଆଦିବାସୀ ବହୁଳ ଗ୍ରାମ ମାନଙ୍କରେ ସ୍ୱତନ୍ତ୍ର ଗ୍ରାମ ସଭା ତଥା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ । ପଂଚାୟତିରାଜ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି କ୍ରମରେ ଆମ ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକ୍‌ରେ ଥିବା ୨୪୦୮ଟି ଗ୍ରାମପଂଚାୟତ ଅନ୍ତର୍ଗତ ୭୬୬୭ଟି ଆଦିବାସୀ ବହୁଳ ରାଜସ୍ୱ ଗ୍ରାମରେ ସ୍ୱତନ୍ତ୍ର ପଲ୍ଲୀସଭା ଆୟୋଜନ କରାଯିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ ଆୟୋଜିତ ହେବ । ଏହି ସ୍ୱତନ୍ତ୍ର ପଲ୍ଲୀସଭାରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ପଠନ ସହ ସ୍ୱଚ୍ଛତା ରକ୍ଷା ଏବଂ ନିଶା ନିବାରଣ ନିମନ୍ତେ ଶପଥ ନିଆଯିବ । ଗାଁର ବିକାଶ ନିମନ୍ତେ କାର୍ଯ୍ୟରତ ବିଭିନ୍ନ ବ୍ୟକ୍ତି ବିଶେଷମାନଙ୍କୁ ସ୍ୱତନ୍ତ୍ର ପଲ୍ଲୀସଭାର ସଭାପତି, ସମ୍ମାନିତ ଅତିଥି ଭାବେ ନିମନ୍ତ୍ରିତ କରିବେ । ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ । ପଲ୍ଲୀସଭା ବୈଠକ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟୁନ ୫୦ ଜଣ ଯୋଗ ଦେବେ । ଉକ୍ତ ରାଜସ୍ୱ ଗ୍ରାମର ଅଧିବାସୀ ବିଶେଷତଃ ମହିଳା, ଯୁବପିଢି , ଅନୁସୂଚୀତ ଜାତି ଓ ଜନଜାତି ସଂପ୍ରଦାୟର ସାଧାରଣ ଜନତା ଓ ଏଥି ସହିତ ଗ୍ରାମ ସ୍ତରରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ସହାୟିକା, ବେସରକାରୀ ସଂଗଠନର ପ୍ରତିନିଧି ଓ ନିର୍ବାଚିତ ପଂଚାୟତ ପ୍ରତିନିଧି ଆଦି ଅଂଶଗ୍ରହଣ କରିବେ । ଏହି ସ୍ୱତନ୍ତ୍ର ପଲ୍ଲୀସଭା ବୈଠକ ତଥା ପ୍ରଶିକ୍ଷଣରେ ପଂଚାୟତ/ବ୍ଲକ୍/ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀ, ସ୍ଥାନୀୟ ଅଂଚଳରେ କାର୍ଯ୍ୟ କରୁଥିବା ବେସରକାରୀ ସଂଗଠନର ପ୍ରତିନିଧିମାନେ ସମ୍ବଳ ବ୍ୟକ୍ତି ଭାବେ ଯୋଗ ଦେଇ ଅଂଶଗ୍ରହଣକାରୀ ମାନଙ୍କୁ ଅନୁସୂଚୀତ ଅଂଚଳକୁ ପଂଚାୟତ ସଂପ୍ରସାରଣ ଆଇନ୍ (ପେସା), ଜଙ୍ଗଲ ଅଧିକାର ଆଇନ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ତଥା ସଂପୃକ୍ତ ଗ୍ରାମପଂଚାୟତର ୨୦୨୫-୨୬ ମସିହା ନିମନ୍ତେ ଗ୍ରାମପଂଚାୟତ ବିକାଶ ଯୋଜନା (ଜିପିଡିପି) ପ୍ରସ୍ତୁତି ତଥା ପଂଚାୟତ ବିକାଶ ସୂଚୀର ସ୍ଥିତି ସଂପର୍କରେ ଅବଗତ କରିବେ । ଏତଦ୍ ବ୍ୟତୀତ ପଲ୍ଲୀସଭା ସ୍ଥଳରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଓ କୁପୋଷଣର ଶିକାର ହୋଇଥିବା ଶିଶୁ ମାନଙ୍କୁ ଚିହ୍ନଟ ଆଦି କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇପାରିବ । ପରିଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇ କାର୍ଯକ୍ରମକୁ ସମାପ୍ତ କରାଯିବ ।

## ତୁଳସୀକ୍ଷେତ୍ର ପଣ୍ଡିତ ସଭାର ନିଃଶୁଳ୍କ ବ୍ରତୋପନୟନ ପ୍ରସ୍ତୁତି ସଭା

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ପଣ୍ଡିତ ସଭା ନିଃଶୁଳ୍କ ବ୍ରତୋପନୟନ ପ୍ରସ୍ତୁତି ସଭା ପଣ୍ଡିତ ଧ୍ରୁବଚରଣ ପଣ୍ଡାଙ୍କ ଅଧକ୍ଷତାରେ ବଳଦେବ ମନ୍ଦିର ଝୁଲଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ସମ୍ପାଦକ ପଣ୍ଡିତ ସତ୍ୟନାରାୟଣ ପତିଙ୍କ ଦିବଂଗତ ପଣ୍ଡିତ ଗଗନ ବିହାରୀ ଦାଶଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ ପରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ୨୦୨୫ ଜାନୁୟାରୀ ମାସରେ ପଣ୍ଡିତ ସଭା ପକ୍ଷତଃ ଅସ୍ୱଚ୍ଛଳ ବ୍ରାହ୍ମଣ ପିଲାଙ୍କର ଏକ ସାମୂହିକ ବ୍ରତୋପନୟନ ଯଜ୍ଞ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଗଲା। ଯେଉଁ ଅସ୍ୱଚ୍ଛଳ ବ୍ରାହ୍ମଣମାନେ ସେମାନଙ୍କର ପିଲାଙ୍କ ବ୍ରତୋପନୟନ କରିବାକୁ ଆଗ୍ରହୀ ସେମାନେ ଯଥାଶୀଘ୍ର ସଂଗଠନ ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି(ଦୂରାଭାଷ-୯୪୩୯୭୩୯୩୪୪)ଙ୍କୁ ଓ ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ(ଦୂରଭାଷ-୯୦୪୦୮୨୯୪୧୧୮)ଙ୍କ ସହ ଯୋଗାଯୋଗ କରିବାକୁ ସଭା ପକ୍ଷରୁ ନିବେଦନ କରାଯାଇଛି। ଦ୍ୱିତୀୟ ପ୍ରସ୍ତାବ ଅନୁସାରେ ଆଗାମୀ ୨୦୨୫ ଏପ୍ରିଲ ମାସରେ ପଣ୍ଡିତ ସଭାର ବାର୍ଷିକ ସମ୍ମିଳନୀ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ଏହି ସଭାରେ ପଣ୍ଡିତ କୈଳାସ ଦାଶ, ପଣ୍ଡିତ ପିତାମ୍ବର ଲେଙ୍କା, ପଣ୍ଡିତ କ୍ଷୀରୋଦ ପଣ୍ଡା, ପଣ୍ଡିତ ଅବଧୂତ ରାଉତ, ପଣ୍ଡିତ କ୍ଷୀରୋଦ ସେନାପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୮ ତାରିଖରେ ପଣ୍ଡିତ ସଭାର ବୈଠକ ହେବାକୁ ସ୍ଥିର କରାଗଲା।

## ଭବାନୀପାଟଣାରୁ ବିଶାଖାପାଟଣା ମଧ୍ୟରେ ଗଡ଼ିଲା ଜଗନ୍ନାଥ ଏକ୍ସପ୍ରେସ

ଭବାନୀପାଟଣା, ୦୮/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ କରକମଳରେ ଆଜି ଭବାନୀପାଟଣାରୁ ବିଶାଖାପାଟଣା ମଧ୍ୟରେ ଅତ୍ୟାଧୁନିକ ଜଗନ୍ନାଥ ଏକ୍ସପ୍ରେସ ଭଲବୋ ବସ୍ ସେବାର ଶୁଭାରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ବସ ରେ ଶୀତତାପ ନିୟନ୍ତ୍ରିତ ଓ ଯାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ଆରାମଦାୟକ ବ୍ୟବସ୍ଥା ରହିଛି। ଏହି ବସ୍ ଭବାନୀପାଟଣାରୁ ସନ୍ଧ୍ୟା ସାଢ଼େ ୬ଟାରେ ଯାତ୍ରା ଆରମ୍ଭ କରି ବିଶାଖାପାଟଣାରେ ଭୋର୍ ୫ଟା ବେଳେ ପହଂଚିବ ଏବଂ ବିଶାଖାପାଟଣାରୁ ସଂଧ୍ୟା ୮ଟା ବେଳେ ବାହାରି ଭବାନୀପାଟଣା ଠାରେ ସକାଳ ୬ଟା ରେ ପହଂଚିବ । ଏହାଦ୍ୱାରା ସାଧାରଣ ଜନତା ଏବଂ ବିଶେଷ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶାଖାପାଟଣା ଉପରେ ନିର୍ଭର କରୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୟ ଉପକୃତ ହେବେ ବୋଲି ଓ ଏସ ଆର୍ ଟି ସି ତରଫରୁ ଜିଲ୍ଲା ପରିଚାଳକ ସ୍ୱଦେଶ କୁମାର ପାତ୍ର ସୂଚନା ଦେଇଥିଲେ। ଏହି ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ସାଂସଦ ପ୍ରତିନିଧି ଜୟ ଶଙ୍କର ନାୟକ, ଆଂଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ସହକାରୀ ଜିଲ୍ଲାପାଳ(ଏଷ୍ଟାବ୍ଲିସମେଂଟ) ଶରତ ଚନ୍ଦ୍ର ସାହୁ, ସହକାରୀ ଜିଲ୍ଲାପାଳ (ଜୁଡିସିଆଲ) ମମତା ଦାସ ଏବଂ ସହକାରୀ ଜିଲ୍ଲାପାଳ ସୌଦାମିନୀ ମାଝୀ (ଏମାରଜେନସି) ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କ୍ଲଷ୍ଟର ହେଡ ବିଶ୍ୱଜିତ ପଣ୍ଡା, ଅଭିଜିତ ଦାସ, ଗିରିଧାରୀ ବାଗ, ରାଜେଶ ଦାସ, ଆଶିଷ କୁମାର ନାୟକ, ଅରବିନ୍ଦ ସାହା,ଭଗବାନ ନିଆଲ, ପାର୍ବନ ମଶ୍ରା, ଦୀପକ ନିଆଲ, ଶିଶିର ବାଗ ଓ ଜ୍ୟୋତି ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମାସିକ ବୈଠକ

ବଲାଙ୍ଗୀର, ୦୮/୧୧ (ନି.ପ୍ର): ସ୍ଥାନୀୟ ନୃସିଂହ ମନ୍ଦିର ଠାରେ ବଲାଙ୍ଗୀର ଅବସର ପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ମାସିକ ବୈଠକ ସଭାପତି ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତିଙ୍କ ଆଦେଶ କ୍ରମେ ଗତ ବୈଠକର ବିବରଣୀ ଯୁଗ୍ମ ସମ୍ପାଦକ ପୁରୁଷୋତମ ପଣ୍ଡା ପଠନ କରିଥିଲେ ଏହା ଉପରେ ଆଲୋଚନା ହୋଇଥିଲା। ଅବସର ପ୍ରାପ୍ତ କର୍ମଚାରୀଙ୍କ କମ୍ୟୁଟେଡ ପେନସନ ଉପରେ ସରକାରଙ୍କ ନୀତି ଓ ଏହା ଉପରେ ନ୍ୟାୟାଳୟ ଆଦେଶ ସଂପର୍କରେ ଆଲୋଚନା ହୋଇଥିଲ। ଏହି ସଭରେ ପ୍ରସନ୍ନ ମିଶ୍ର, ପର୍ଶୁରାମ ନାୟକ, ରାଧାକାନ୍ତ ସେଠ୍, ହରେକୃଷ୍ଣ ପଟେଲ, ପୂର୍ଣ୍ଣଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ମହାକୁର, ବିରଂଚି ବହିଦାର, ବିଜୟ କୁମାର ବାଘ, ପ୍ରାଣ ବଲ୍ଲଭ ତ୍ରିପାଠୀ, ଗୋପବନ୍ଧୁ ପୁରୋହିତ, ମହାଦେବ ତୁମନିଆଁ, ବଟ ଧରୁଆ, ଭକ୍ତ ବନ୍ଧୁ ନାଏକ, ଡ. ଉମାକାନ୍ତ ପାତ୍ର, ଦଶରଥ ବାଘ , ତୀର୍ଥବାସୀ ଡାଙ୍ଗ, କୃଷ୍ଣଚନ୍ଦ୍ର ନାଥ ପ୍ରମୁଖ ସଭ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ।

# ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

**ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ୍ୟ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି। ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...**

ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍: ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ୍ୟ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ ।

ମୋମୋସର ଲାଲ୍ ଚଟଣି ମଧ୍ୟ କ୍ଷତିକାରକ: ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ୍ୟ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ୍ୟ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



# ଅଣ୍ଡା ସହ ଏସବୁ ଖାଇବା ଖୁବ୍ ଭଲ, ଭୁଲ୍‌ରେ ବି ପିଅନ୍ତୁନି ଚା' କିମ୍ବା କ୍ଷୀର

ଅଣ୍ଡା ଆମ ଶରୀର ପାଇଁ ଖୁବ୍ ଉପକାରୀ। ପ୍ରୋଟିନ୍‌ରେ ଭରପୂର ଅଣ୍ଡାରେ ମିନେରାଲ୍, ଭିଟାମିନ୍ ଓ ପ୍ରୋଟିନ୍ ଭରି କରି ରହିଛି। ଅଣ୍ଡାକୁ ଆପଣ ଓଜନ ହ୍ରାସ ଡାଏଟ୍‌ରେ ମଧ୍ୟ ସାମିଲ୍ କରିପାରିବେ। ତେବେ ଖାଲି ଅଣ୍ଡା ଖାଇଲେ ଆପଣଙ୍କ ଓଜନ ହ୍ରାସ ହେବ ନାହିଁ, ବରଂ ଏପରି କିଛି ଖାଦ୍ୟ ରହିଛି ଯାହା ସହ ଅଣ୍ଡା ଖାଇବା ଦ୍ୱାରା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ। ତେବେ ଚାଲନ୍ତୁ ଜାଣିବା ଅଣ୍ଡା ସହ କେଉଁ ସବୁ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହେ।

ଅଣ୍ଡା ସହ ପାଳଙ୍ଗ ଖାଇଲେ ଖୁବ୍ ଶୀଘ୍ର ଓଜନ ହ୍ରାସ ହେବାରେ ଲାଗିଥାଏ। ୧ କପ୍ ପାଳଙ୍ଗରେ ୭ କ୍ୟାଲୋରି ଓ ଗୁଡ଼ାଏ ନ୍ୟୁଟ୍ରିଏଣ୍ଟ୍ସ ରହିଛି। ଅଣ୍ଡା ସହ ପାଳଙ୍ଗକୁ ମିଶାଇ ଖାଇଲେ ଯେଉଁ ପରିମାଣର କ୍ୟାଲୋରି ମିଳିଥାଏ, ତାହା ଶରୀର ପାଇଁ ଖୁବ୍ ଭଲ। ଅନ୍ୟ କୌଣସି ପ୍ରକାରର ତେଲ କିମ୍ୱା ଲହୁଣୀ ଖାଇଲେ ଆମ ଶରୀରରେ କ୍ୟାଲୋରି ଖୁବ୍ ଶୀଘ୍ର ବଢ଼ିଯାଏ। ଏଥିପାଇଁ ଆପଣ ଅଣ୍ଡାକୁ ନଡ଼ିଆ ତେଲରେ ଓମ୍‌ଲେଟ୍ କରି କି ଖାଇଲେ ସେ ସମସ୍ୟାରୁ ମୁକ୍ତି ପାଇବେ। କାହିଁକି ନା, ନଡ଼ିଆ ତେଲ ମେଟାବଲିଜିମ୍‌କୁ ପ୍ରାୟ ୫ ପ୍ରତିଶତ ବଢ଼ାଇକି ଓଜନ କମାଇବାରେ ସହାୟ ହୋଇଥାଏ।



ତେବେ ଏପରି ଅନେକ ଜିନିଷ ଅଛି ଯାହା ସହ ଅଣ୍ଡା ଖାଇବା ଅନୁଚିତ। ସେଥିମଧ୍ୟରେ ରହିଛି ଚା ଏବଂ କ୍ଷୀର। ଏହି ସବୁ ପାନୀୟ ସହ ଅଣ୍ଡା ଖାଇବାକୁ ବାରଣ କରାଯାଇଛି। ଏସବୁ ସହ ଅଣ୍ଡା ଖାଇଲେ ଶରୀରରେ ଓଲଟା ପ୍ରଭାବ ପଡ଼ିଥାଏ।

# ଗୁପ୍ତ ସହର



ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।

### ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେସ୍ତୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

### ବର୍ଲିଂଟନ୍, ଇଂଲଣ୍ଡ:

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଇଂଲଣ୍ଡର ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଲଷ୍ଟେସନ୍, ହସ୍‌ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

# ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?

ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ । ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ । ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା। ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।



ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି । ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ । ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

# ଭାତ ଓ ରୁଟି: କାହାର ଆରମ୍ଭ କେବେ, ଜାଣନ୍ତୁ

ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ହିଁ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମ ଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଆମର ଭାରତୀୟ ଖାଦ୍ୟ ଅଭ୍ୟାସରେ ଭାତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶେଷ ଭାବେ ପଶ୍ଚିମବଙ୍ଗ, ଓଡ଼ିଶାରୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପ୍ରମୁଖ ଭାବେ ଭାତ ହିଁ ଖାଇଥାନ୍ତି। ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ଆମ ଦେଶରେ ପାରମ୍ପରିକ ଭାବେ ବାସୁମତୀ, ହଂସରାଜ, ଜୟା, ପଦ୍ମା, ସୋନା, ଇତ୍ୟାଦି କିସମର ଧାନ ଚାଷ ହୋଇ ଚାଉଳ ଅମଳ ହୁଏ। ବିଭିନ୍ନ ରାଜ୍ୟରେ ଚାଉଳକୁ ଅନେକ ପ୍ରକାରରେ ପ୍ରକ୍ରିୟାକରଣ କରାଯାଇ ଖାଦ୍ୟୋପଯୋଗୀ କରାଯାଉଛି। ଆମେ ସାଧାରଣତଃ ଭାତ, ମୁଢ଼ି, ଚୁଡ଼ା ଆଦି ଆମର ପ୍ରମୁଖ ଖାଦ୍ୟ ତଥା ଜଳଖିଆ ଭାବେ ନେଇଥାଉ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଇତିହାସ କୁହେ,ସ୍ୱାଧୀନତାର ପୂର୍ବ ସମୟ ବା ୧୯୪୦ ପୂର୍ବବର୍ତ୍ତୀ ସମୟରେ ଦକ୍ଷିଣ ତଥା ପୂର୍ବ ଭାରତରେ ରୁଟି ଖାଇବା ଏକ ପ୍ରକାର ଆରମ୍ଭ ହୋଇନଥିଲା। ଭାତ ହିଁ ପ୍ରମୁଖ ଖାଦ୍ୟ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଁ ଧାନର ଉପଲବ୍ଧତା ବ୍ୟାଘାତ ହେବା ପରେ ଗହମ ଚାଷ ପ୍ରତି ଆଗ୍ରହ ବଢ଼ିଲା ଏବଂ ସମୟେ ସମୟେ ରୁଟି ଖାଇବା ଆରମ୍ଭ ହେଲା। ବର୍ତ୍ତମାନ ପ୍ରାୟ ପ୍ରତି ଭାରତୀୟମାନଙ୍କ ଘରେ ଦିନକୁ ଥରେ ରୁଟି ଖାଇବା ଦେଖାଯାଉଛି। ବ୍ୟକ୍ତିପିଛା ଏହା ପ୍ରାୟ ଚାଳିଶରୁ ପଚାଶ ଗ୍ରାମ ହୋଇଥାଏ। ତେବେ ଉତ୍ତର ଭାରତରେ ହିଁ ଗହମ ଉତ୍ପାଦନ ଅଧିକ ଥିବା ବେଳେ ଏହା ସବୁ ସ୍ଥାନରେ ବର୍ତ୍ତମାନ ଭାତ ପରି ଏକ ପ୍ରମୁଖ ଖାଦ୍ୟ ହୋଇଛି। ରୁଟି ବିଷୟରେ କହିବାକୁ ଗଲେ, ଗହମ ଚାଷ ହେଉଥିବା





କ୍ଷେତରେ ପାଣି କମ୍ ଆବଶ୍ୟକ ହେବା ସହ ଉଚ୍ଚାଭୂମି ହେବା ଆବଶ୍ୟକ। ବିହନ ବୁଣା ହେବାଠାରୁ ନେଇ ଶସ୍ୟ ଅମଳ ହେବା ଏବଂ ଏହା ପରେ ଗହମ ଚୁରା ହୋଇ ଅଟା ହେବାର ପ୍ରକ୍ରିୟାରେ ଏଥିରେ ଥିବା ପୋଷକ ତତ୍ତ୍ୱ ଅଲଗା ଅଲଗା ହୋଇଥାଏ। ଗହମ ଅଟା ହେବାର ମୁଖ୍ୟତଃ ଦୁଇ ପ୍ରକାର ପ୍ରକ୍ରିୟା ଆମ ଦେଶରେ ଅବଲମ୍ବନ କରାଯାଏ। ତେବେ ପାରମ୍ପରିକ ଉପାୟରେ ଚକିରେ ପେଶା ହୋଇ ପ୍ରସ୍ତୁତ ଅଟା ହିଁ ଉପଯୁକ୍ତ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ। ଏପରି ଭାବରେ ଚୁରା ହୋଇଥିବା ଅଟାରେ ଚୋପା ବା ଚୋକଡ଼ ଅଂଶ ରୁହେ, ଯାହା ଫାଇବରରେ ପରିପୂର୍ଣ୍ଣ। କିନ୍ତୁ ମେସିନ୍ ବା ମିଲ୍‌ରେ ଚୁରା ହୋଇଥିବା ଅଟାରେ ଗହମର ଉପର ଚୋପା ଅଂଶ ପୂର୍ଣ୍ଣ ଭାବେ ନଷ୍ଟ ହୋଇଥାଏ। ଫଳରେ ଅଟାରୁ କେବଳ ଶ୍ୱେତସାର ବା କାର୍ବୋହାଇଡ୍ରେଟ୍ ହିଁ ମିଳିବ ଯାହା ପ୍ରାୟ ଭାତ ଖାଇବା ସହ ସମାନ। ଅଟାରେ ଥିବା ପ୍ରୋଟିନ୍ ମଧ୍ୟରୁ ଗ୍ଲୁଟେନ୍ ହେଉଛି ଆଠରୁ ଦଶ ପ୍ରତିଶତ। ଗ୍ଲୁଟେନ୍ ନଥିବା ଶସ୍ୟରେ ପାଣି ପକାଇଲେ ଏହା ଅଟା ପରି ଚକଟିହୁଏ ନାହିଁ। ଏହା ନିୟମିତ ସେବନ କରିବା ଦ୍ୱାରା ଆମର ୟୁରିକ୍ ଏସିଡ୍ ବଢ଼ିବାର ସମ୍ଭାବନା ଥାଏ। ରୁଟି ସେକିବା ବେଳେ ଏଥିରେ ଥିବା ପ୍ରୋଟିନ୍ ଓ ସୁଗାର ବା ଶର୍କରାର ପ୍ରତିକ୍ରିୟା ଫଳରେ ଅନେକ ଦରକାରୀ ପୋଷକ ତତ୍ତ୍ୱ ନଷ୍ଟ କରିଦିଏ। ଗହମକୁ ଭାଙ୍ଗି ତିଆରି ହେଉଥିବା ଦଲିଆ କିମ୍ବା ଗହମ ଛତୁଆ ପରି ଖାଦ୍ୟରେ ହିଁ ଗହମର ପୋଷକ ତତ୍ତ୍ୱ କିଛି ପରିମାଣରେ ବରାବର ଥାଏ। ଏବେ ଜାଣିବା ଭାତର ପୋଷକ ତତ୍ତ୍ୱ କଣ ରହିଛି। ଆମେ ସାଧରଣତଃ ଦୁଇ ପ୍ରକାର ଭାତ ନିତିଦିନ ଖାଉ। ଅରୁଆ ଓ ଉଷୁନା। ଧାନକୁ ପ୍ରକ୍ରିୟାକରଣ କରାଯାଇ ସିଝାଇ ପ୍ରସ୍ତୁତ ହୁଏ ଉଷୁନା ଚାଉଳ ଏବଂ ଅରୁଆ ଚାଉଳ ସିଧାସଳଖ ଧାନ ଚୁରା ହୋଇ ଆସେ। ତେବେ ପ୍ରକୃତ ଅକାଣ୍ଡିଆ ଉଷୁନା ଚାଉଳ ଯାହା ଢ଼ିଙ୍କିରେ ଧାନ କୁଟି ଚାଉଳ ଉତ୍ପାଦନ କରାଯାଏ, ତାହା ହିଁ ଆମ ଶରୀର ପାଇଁ ଉପାଦେୟ ହୋଇଥାଏ। ଏବେ ଏହା ବଜାରରେ ବ୍ରାଉନ୍ ରାଇସ୍ ନାମରେ ଜଣାଶୁଣା। ଏଥିରେ ଥାୟାମିନ୍, ଫଲିକ୍ ଏସିଡ୍, ଶ୍ୱେତସାର ତଥା ପ୍ରୋଟିନ୍ ରହିବା ସହ ଫାଇବର ମଧ୍ୟ ଥାଏ। ଢିଙ୍କିରେ କୁଟା ଚାଉଳରେ ମିଲ୍ ପେଶା ଚାଉଳ ଅପେକ୍ଷା ୩/୪ଭାଗ ଅଧିକ ଭିଟାମିନ ଓ ମିନେରାଲସ୍ ଥାଏ।ମିଲ୍‌ରେ ପେଶାଯାଇ ପ୍ରସ୍ତୁତ ଚାଉଳରେ ଚାଉଳର ଭିଟାମିନ୍ ଅଂଶ ଓ ଫାଇବର୍ ଅଂଶ ନଷ୍ଟ ହୋଇଥାଏ। ଏପରିକି ମୁଢ଼ି ଓ ଚୁଡ଼ା ପ୍ରସ୍ତୁତି ସମୟରେ ମଧ୍ୟ ଚାଉଳର ଅନେକ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୯ ନଭେମ୍ବର ୨୦୨୪, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମେରିକାର ରାଷ୍ଟ୍ରପତି ଓ ଭାରତ

ସମ୍ପ୍ରତି ବିଶ୍ୱର ସବୁଠାରୁ ଅଧିକ ଚର୍ଚ୍ଚିତ ପ୍ରସଙ୍ଗ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଉତ୍କଣ୍ଠାର ଅବସାନ ଘଟିଛି। ପୂର୍ବତନ ରାଷ୍ଟ୍ରପତି ରିପବ୍ଲିକାନ୍ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ କ୍ଷମତାକୁ ଫେରିଛନ୍ତି। ଏଥିସହିତ ଆମେରିକା ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ରାଷ୍ଟ୍ରପତି ହେବାର ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ତାହାର ମଧ୍ୟ ଅନ୍ତ ଘଟିଛି। ଏବେ ଟ୍ରମ୍ପ ଚାରିଟି ଆପରାଧିକ ମାମଲାରେ ଅଭିଯୁକ୍ତ ଥିବାରୁ ରାଷ୍ଟ୍ରପତି ଭାବେ ନିର୍ବାଚନ ତାଙ୍କୁ ଅନ୍ତତଃ ଚାରିବର୍ଷ ପର୍ଯ୍ୟନ୍ତ ସାମୟିକ ଆଶ୍ୱସ୍ତି ଦେଇଛି। ଆମେରିକାର ସଦ୍ୟତମ ରାଷ୍ଟ୍ରପତି ନିର୍ବାଚନ ଫଳାଫଳରୁ ଆଉ ଏକ ସଂକେତ ମିଳୁଛି ଯେ ବିଶ୍ୱର ଏହି ସର୍ବପୁରାତନ ଗଣତନ୍ତ୍ର ମଧ୍ୟ ଅର୍ଥବଳର ପ୍ରଭାବରୁ ମୁକ୍ତ ନୁହେଁ। କାରଣ ଲୋକପ୍ରିୟତା ଓ ଏକ୍‌ଜିଟ୍ ପୋଲ୍ ଫଳାଫଳରେ କମଳା ହାରିସ୍‌ଙ୍କ ଜିତାପଟ ଥିବା ବେଳେ ନିର୍ବାଚନ ପ୍ରଚାରରେ ଟ୍ରମ୍ପଙ୍କ ସମର୍ଥନରେ ଶିଳ୍ପପତି ଏଲୋନ୍ ମସ୍କଙ୍କ ଆର୍ଥିକ ସହାୟତା ଓ ସହଯୋଗ ଟ୍ରମ୍ପଙ୍କ ପାଇଁ ଅପ୍ରତ୍ୟାଶିତ ବିଜୟ ଆଣିଦେଇଛି ବୋଲି ନିର୍ବାଚନ ସମୀକ୍ଷକମାନେ ମତ ଦେଇଛନ୍ତି। ରୁଷ୍-ୟୁକ୍ରେନ୍ ଯୁଦ୍ଧ, ଇସ୍ରାଏଲ୍-ଇରାନ୍ ଉତ୍ତେଜନା, ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟରେ ଅଶାନ୍ତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ବିଶେଷକରି ଭାରତର ପରିବର୍ତ୍ତିତ ବୈଦେଶିକ ଓ କୂଟନୀତି ପୃଷ୍ଠଭୂମିରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗ ଅଧିକ ଆଲୋଚନାର ଅପେକ୍ଷା ରଖେ। ବିଭିନ୍ନ ଆଲୋଚନା ଓ ଆକଳନର ସମୀକ୍ଷାରୁ ଯେଉଁ ନିଷ୍କର୍ଷ ମିଳୁଛି ସେଥିରେ ଭାରତ ଅଧିକ ଆନନ୍ଦିତ କିମ୍ବା ଚିନ୍ତିତ ହେବାର ନାହିଁ। ପୂର୍ବପାଳିରେ ଟ୍ରମ୍ପଙ୍କ ଭାରତ ଆଭିମୁଖ୍ୟକୁ ଅନୁଶୀଳନ କଲେ ଭାରତ ଉପରେ ଆମେରିକାର ସଦ୍ୟତମ ରାଷ୍ଟ୍ରପତି ନିର୍ବାଚନ ମିଶ୍ରପ୍ରଭାବ ସୃଷ୍ଟି କରିବ ବୋଲି କୁହାଯାଇପାରେ। ଆମେରିକା ଭାରତର ସର୍ବବୃହତ୍ ବାଣିଜ୍ୟ ସହଯୋଗୀ ହୋଇଥିବା ବେଳେ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଭାରତର ଅବଦାନ ଆମେରିକା ଅର୍ଥନୀତିରେ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଭାରତୀୟ ସୂଚନା ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳ ଓ ପ୍ରତିଭା ଆମେରିକାର ଭିତ୍ତିଭୂମି ବିନା ସଫଳତାର ଦାବିଦାର ନୁହେଁ। ଆମେରିକା ଏଣିକି ସ୍ୱଦେଶୀ ନିର୍ମାଣ, ଉତ୍ପାଦନ, ନିଯୁକ୍ତି ଓ ରୋଜଗାର ଉପରେ ଗୁରୁତ୍ୱ ଦେବ ବୋଲି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିର୍ବାଚନୀ ଭାଷଣରେ ଘୋଷଣା କରିଥିବାରୁ ଭାରତର ସୂଚନା ପ୍ରଯୁକ୍ତି ବିଦ୍ୟା ସେବା କ୍ଷେତ୍ର ପ୍ରଭାବିତ ହୋଇପାରେ। ପୂର୍ବ ପାଳିରେ ଟ୍ରମ୍ପ ପ୍ରଶାସନ ବହିରାଗତଙ୍କ ପାଇଁ ଭିସା କଟକଣା କଠୋର କରିଥିବାରୁ ଆମେରିକାର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ପ୍ରବାସୀ ଭାରତୀୟମାନେ ବିପୁଳ ସଂଖ୍ୟାରେ ଛଟେଇ ହୋଇଥିଲେ। ଟ୍ରମ୍ପ ଯଦି ତାଙ୍କର ଚିରାଚରିତ ବହିରାଗତ ବିଦ୍ୱେଷୀ ନୀତି ପରିହାର ନ କରନ୍ତି ତେବେ ଭାରତୀୟଙ୍କ ଆମେରିକାରେ ଚାକିରି ସ୍ୱପ୍ନ ସଂକୁଚିତ ହୋଇପାରେ। ଟ୍ରମ୍ପଙ୍କ ସହଯୋଗୀ ଉପରାଷ୍ଟ୍ରପତି ପ୍ରାର୍ଥୀ ଜେଡି ଭାନ୍ସ ମଧ୍ୟ ନିର୍ବାଚନୀ ଭାଷଣରେ ଉଲ୍ଲେଖ କରିଥିଲେ ଯେ ଆମେରିକୀୟ ଉତ୍ପାଦ ଓ ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ହାର ଲାଗୁ କରୁଥିବା ଦେଶ ବିରୋଧରେ ଏଣିକି କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ଏହି ଘୋଷଣା ଚୀନ୍‌କୁ ଲକ୍ଷ୍ୟ ରଖି କରାଯାଇଥିବା କୁହାଯାଉଥିଲେ ମଧ୍ୟ ଭାରତ ପ୍ରତି ପ୍ରଯୁଜ୍ୟ। କାରଣ ହାର୍ଲି ଡେଭିସନ୍ ସମେତ କେତେକ ବିଳାସପୂର୍ଣ୍ଣ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଉଚ୍ଚ ଆମଦାନୀ ଶୁଳ୍କ ଲାଗୁ କରିଥିବାରୁ ଟ୍ରମ୍ପ ଅସନ୍ତୁଷ୍ଟ ଥିଲେ। ଅପରପକ୍ଷରେ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ଭାବରେ ଟ୍ରମ୍ପ ପ୍ରଥମ ପାଳିର ଶେଷ ପର୍ଯ୍ୟାୟରେ ଚୀନ୍‌କୁ ବିଶ୍ୱ ପାଇଁ ଏକ ଆତଙ୍କ ବୋଲି ଘୋଷଣା କରିଥିବାରୁ ଦ୍ୱିତୀୟ ପାଳିରେ ଭାରତ ପାଇଁ ଅଧିକ ଅନୁକୂଳ ମନୋଭାବ ପୋଷଣ କରିବାର ସମ୍ଭାବନା ଅଧିକ। ଟ୍ରମ୍ପଙ୍କ ପୂର୍ବ ଶାସନ ଅମଳରେ 'କ୍ୱାଡ୍' ଚୁକ୍ତିର ମୂଳଦୁଆ ପଡ଼ିଥିବାରୁ ଦକ୍ଷିଣ-ଏସିଆ ଓ ଚୀନ୍ ସାଗରରେ ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟକୁ ପ୍ରତିହତ କରିବାରେ ଭାରତକୁ ଆମେରିକାଠାରୁ ଅଧିକ ସହଯୋଗ ମିଳିବ ବୋଲି ଆଶା କରାଯାଇପାରେ। ସେହିପରି ମାନବାଧିକାର ଉଲ୍ଲଙ୍ଘନ ପ୍ରସଙ୍ଗରେ କମଳା ହାରିସଙ୍କ ପରି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୋଧରେ ଅଧିକ ପ୍ରତିକ୍ରିୟାଶୀଳ ହେବାର ଦେଖାଯାଇନାହିଁ। ଏହାଛଡ଼ା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଡୋନାଲ୍‌ଡ ଟ୍ରମ୍ପଙ୍କ ସମ୍ପର୍କ ନିବିଡ଼ ଥିବାରୁ ଆଗାମୀ ଦିନରେ ଭାରତ ଅହିତରେ ଟ୍ରମ୍ପ ସେଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିବେ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସ୍ୱାଭାବିକ ଭାବରେ ଔପଚାରିକତା ରକ୍ଷା ଅବସରରେ ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ବାର୍ତ୍ତା ଜଣାଇବା ସହିତ ଭାରତ ଆମେରିକା ସମ୍ପର୍କକୁ ଆହୁରି ଦୃଢ଼ କରିବା ଏବଂ ବିଶ୍ୱ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ମିଳିତ ଭାବେ କାମ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ବିଶ୍ୱ ଭୂ-ରାଜନୀତି, କୂଟନୀତି, ପରିବେଶ ଓ ଅର୍ଥନୀତିକୁ କିଭଳି ପ୍ରଭାବିତ କରିବ ସେ ସମ୍ପର୍କରେ କିଞ୍ଚିତ ଆଲୋଚନା କରାଯାଉ। ଶିଳ୍ପାୟନର ଦୃଢ଼ ସପକ୍ଷବାଦୀ ଡୋନାଲ୍ଡ ଟ୍ରମ୍ପ ପରିବେଶ ସୁରକ୍ଷା ପ୍ରତି ସେତେଟା ସମ୍ବେଦନଶୀଳ ନୁହନ୍ତି। ତେଣୁ ପରିବେଶ ସୁରକ୍ଷା ପାଇଁ ଆନ୍ତର୍ଜାତିକ ପାଣ୍ଠିକୁ ସମୃଦ୍ଧ କରିବାର ଉଦ୍ୟମ ଆଗାମୀ ଦିନରେ ଶିଥିଳ ପଡ଼ିପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଅପରପକ୍ଷରେ ହ୍ୱାଇଟ୍ ହାଉସ୍‌ରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟବାର କ୍ଷମତା ଗ୍ରହଣ ବିଶ୍ୱ ଶାନ୍ତି ପାଇଁ ଏକ ଶୁଭସୂଚନା ଭାବେ ଦେଖାଯାଉଛି। ଏହା ଅଛପା ନୁହେଁ ଯେ ରୁଷ-ୟୁକ୍ରେନ୍ ଯୁଦ୍ଧ, ଅଶାନ୍ତ ମଧ୍ୟପ୍ରାଚ୍ୟ ସ୍ଥିତିରେ ଆମେରିକା ନେତୃତ୍ୱାଧୀନ ନାଟୋର ପ୍ରଚ୍ଛନ୍ନ ଭୂମିକା ରହିଆସିଛି। ଡୋନାଲ୍ଡ ଟ୍ରମ୍ପ ନାଟୋ ବିରୋଧୀ ଆଭିମୁଖ୍ୟ ପୋଷଣଧାରୀ ଆମେରିକୀୟ ନେତା ଭାବେ ଜଣାଶୁଣା। ଆମେରିକାର ବିନା ସମର୍ଥନରେ ନାଟୋର ଶକ୍ତି ମଧ୍ୟ ପ୍ରଭାବହୀନ। ଅପରପକ୍ଷରେ ନାଟୋର ସହାୟତା ବିନା ୟୁକ୍ରେନ୍ ରୁଷିଆ ଆକ୍ରମଣକୁ ଅଧିକ ଦିନ ମୁକାବିଲା କରିପାରିବ ନାହିଁ। ତେଣୁ ଯୁଦ୍ଧ ପ୍ରୋତ୍ସାହନରୁ ଆମେରିକା ଆପାତତଃ ଆଗାମୀ ଚାରିବର୍ଷ ପର୍ଯ୍ୟନ୍ତ କ୍ଷାନ୍ତ ରହିବ ବୋଲି ଆଶା କରାଯାଉଛି।

# ଶ୍ରୀ ରତନ ଟାଟାଙ୍କ ବ୍ୟକ୍ତିତ୍ୱ ଅନେକ ପିଢ଼ି ପାଇଁ ପ୍ରେରଣା

### ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ରତନ ଟାଟା ଆମକୁ ଛାଡ଼ି ଚାଲିଯିବାର ଗୋଟିଏ ମାସ ବିତିଗଲାଣି। କୋଳାହଳପୂର୍ଣ୍ଣ ମହାନଗର ଓ ଛୋଟ ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ତାଙ୍କର ଅନୁପସ୍ଥିତି ସମାଜର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଛି। ବିଶିଷ୍ଟ ଶିଳ୍ପପତି, ଯୁବ ଉଦ୍ୟୋଗୀ ଏବଂ କଠିନ ପରିଶ୍ରମ କରୁଥିବା ପେସାଦାରମାନେ ତାଙ୍କ ବିୟୋଗରେ ଶୋକାଭିଭୂତ ହୋଇପଡ଼ିଛନ୍ତି। ପରିବେଶକୁ ନେଇ ଯତ୍ନଶୀଳ ଏବଂ ଦାନପୂଣ୍ୟରେ ଆଗ୍ରହୀ ଥିବା ଲୋକମାନେ ମଧ୍ୟ ଅନୁରୂପ ଭାବେ ଦୁଃଖିତ। ତାଙ୍କର ଅନୁପସ୍ଥିତି କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଗଭୀର ଭାବେ ଅନୁଭୂତ ହେଉଛି।

ଯୁବପିଢ଼ିଙ୍କ ପାଇଁ ଶ୍ରୀ ରତନ ନାନା ଏକ ପ୍ରେରଣା ଥିଲେ। ସ୍ୱପ୍ନକୁ ସାକାର କରିବା ସମ୍ଭବ ଏବଂ କରୁଣା ଓ ବିନମ୍ରତାର ସହ ସଫଳତା ହାସଲ କରାଯାଇପାରିବ, ଏହା ସେ ଶିଖାଇଥିଲେ। ଅନ୍ୟମାନଙ୍କ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତର ଶ୍ରେଷ୍ଠ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିଲେ। ସଚ୍ଚୋଟତା, ଉତ୍କର୍ଷ ଏବଂ ସେବା ମୂଲ୍ୟବୋଧ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ସେ ପରିଚିତ। ତାଙ୍କ ନେତୃତ୍ୱରେ, ଟାଟା ଗ୍ରୁପ୍ ନୂଆ ଉଚ୍ଚତା ଛୁଇଁଥିଲା ଏବଂ ସାରା ବିଶ୍ୱରେ ସମ୍ମାନ, ସଚ୍ଚୋଟତା ଓ ବିଶ୍ୱସନୀୟତାର ପ୍ରତୀକ ପାଲଟିଥିଲା। ଏହା ସତ୍ତ୍ୱେ ସେ ବିନମ୍ରତା ଓ ଉଦାରତା ସହିତ ନିଜର ସଫଳତାକୁ ଅତି ହାଲୁକା ଭାବେ ନେଇଥିଲେ।

ଅନ୍ୟମାନଙ୍କ ସ୍ୱପ୍ନ ପ୍ରତି ଶ୍ରୀ ରତନ ଟାଟାଙ୍କ ଅତୁଟ ସମର୍ଥନ ତାଙ୍କର ସବୁଠୁ ଶ୍ରେଷ୍ଠ ଗୁଣ ଥିଲା। ଗତ କିଛି ବର୍ଷ ମଧ୍ୟରେ ସେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମାର୍ଗଦର୍ଶନ କରିଥିଲେ ଏବଂ ଅନେକ ସମ୍ଭାବନାପୂର୍ଣ୍ଣ ଉପକ୍ରମରେ ନିବେଶ କରିଥିଲେ। ସେ ଯୁବ ଉଦ୍ୟୋଗୀଙ୍କ ଆଶା ଓ ଆକାଂକ୍ଷାକୁ ବୁଝିଥିଲେ ଏବଂ ଭାରତର ଭବିଷ୍ୟତକୁ ଆକାର ଦେବାରେ ସେମାନଙ୍କର କ୍ଷମତାକୁ ଜାଣିପାରିଥିଲେ। ସେମାନଙ୍କ ପ୍ରୟାସକୁ ସମର୍ଥନ କରି ସେ ସ୍ୱପ୍ନ ଦେଖୁଥିବା ନୂଆ ପିଢ଼ିକୁ ସାହସିକ ପଦକ୍ଷେପ ନେବା ଏବଂ ଚିରାଚରିତ ସୀମା ଠାରୁ ଆଗକୁ ବଢ଼ିବା ପାଇଁ ସଶକ୍ତ କରିଥିଲେ। ତାଙ୍କର ସମର୍ଥନ ନବସୃଜନ ଓ ଉଦ୍ୟମିତାର ସଂସ୍କୃତି ଗଢ଼ିବାରେ ଏକ ଲମ୍ବା ରାସ୍ତା ନିର୍ଦ୍ଧାରଣ କରିସାରିଛି। ଆଗାମୀ ଦଶନ୍ଧିରେ ଭାରତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମୋର ବିଶ୍ୱାସ ରହିଛି।

ସେ କ୍ରମାଗତ ଭାବରେ ଉତ୍କର୍ଷତାକୁ ସମର୍ଥନ କରିଥିଲେ ଏବଂ ଭାରତୀୟ ଉଦ୍ୟୋଗଗୁଡ଼ିକୁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବାକୁ ଅନୁରୋଧ କରୁଥିଲେ। ମୁଁ ଆଶା କରୁଛି ଯେ ଏହି ଦୃଷ୍ଟିକୋଣ ଆମର ଭବିଷ୍ୟତର ନେତାମାନଙ୍କୁ ଭାରତକୁ ବିଶ୍ୱସ୍ତରୀୟ ଗୁଣବତ୍ତାର ସମକକ୍ଷ କରିବା ପାଇଁ ପ୍ରେରଣା ଯୋଗାଇବ।

କେବଳ ବୋର୍ଡ ରୁମ୍ କିମ୍ବା ସାଥୀ ମଣିଷଙ୍କୁ ସାହାଯ୍ୟ କରିବାରେ ତାଙ୍କର ମହାନତା ସୀମିତ ନଥିଲା। ତାଙ୍କର କରୁଣାଭାବ ସମସ୍ତ ଜୀବଜଗତଙ୍କ ପାଇଁ ବିସ୍ତାରିତ ହୋଇଥିଲା। ପ୍ରାଣୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ବିଷୟରେ ସମସ୍ତେ ଜାଣନ୍ତି ଏବଂ ପ୍ରାଣୀଙ୍କ କଲ୍ୟାଣ ଉପରେ କେନ୍ଦ୍ରିତ ପ୍ରତ୍ୟେକ ସମ୍ଭାବ୍ୟ ପ୍ରୟାସକୁ ସେ ସମର୍ଥନ କରିଥିଲେ। ସେ ପ୍ରାୟତଃ ତାଙ୍କ ପୋଷା କୁକୁରମାନଙ୍କର ଫଟୋ ସେୟାର କରନ୍ତି, ଯେଉଁମାନେ ଯେକୌଣସି ବ୍ୟବସାୟିକ ଉଦ୍ୟୋଗ ପରି ତାଙ୍କ ଜୀବନର ଏକ ଅଂଶ ଥିଲେ। ପ୍ରକୃତ ନେତୃତ୍ୱ କେବଳ କାହାର ସଫଳତା ଦ୍ୱାରା ନୁହେଁ, ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି ଧ୍ୟାନ ଦେବାର ଦକ୍ଷତା ଆଧାରରେ ମାପ କରାଯାଇଥାଏ, ତାଙ୍କ ଜୀବନ ଆମ ସମସ୍ତଙ୍କୁ ଏହି ଶିକ୍ଷା ଦେଇଥିଲା।

କୋଟି କୋଟି ଭାରତୀୟଙ୍କ ପାଇଁ ଶ୍ରୀ ରତନ ଟାଟାଙ୍କ ଦେଶପ୍ରେମ ସଙ୍କଟ ସମୟରେ ଉଜ୍ଜ୍ୱଳ ହୋଇ ଉଠିଥିଲା। ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ତୁରନ୍ତ ମୁମ୍ବାଇର ତାଜ୍ ହୋଟେଲ୍ ଖୋଲିଥିଲେ। ଦେଶ ଆଗରେ ରହିଥିବା ଆହ୍ୱାନର ସେ ଦୃଢ଼ ଜବାବ ଦେଇଥିଲେ। ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇଲା ନାହିଁ ନିଜର ଏକତା ଶକ୍ତି ପ୍ରଦର୍ଶନ କଲା।

ବ୍ୟକ୍ତିଗତ ଦୃଷ୍ଟିକୋଣରୁ କହିବାକୁ ଗଲେ, ବର୍ଷ ବର୍ଷ ଧରି ତାଙ୍କୁ ଅତି ନିକଟରୁ ଜାଣିବାର ସୌଭାଗ୍ୟ ମୁଁ ପାଇଥିଲି। ଆମେ ଗୁଜରାଟରେ ଘନିଷ୍ଠ ଭାବରେ କାମ କରିଥିଲୁ, ଯେଉଁଠାରେ ସେ ବ୍ୟାପକ ପୁଞ୍ଜିନିବେଶ କରିଥିଲେ ଏବଂ ଅନେକ ପ୍ରକଳ୍ପକୁ ନେଇ ସେ ବହୁତ ଉତ୍ସାହୀ ଥିଲେ। କିଛି ସପ୍ତାହ ତଳେ, ମୁଁ ସ୍ପେନ୍ ରାଷ୍ଟ୍ରପତି ଶ୍ରୀ ପେଡ୍ରୋ ସାଞ୍ଚେଜ୍ ଙ୍କ ସହ ଭଦୋଦରାରେ ଥିଲି ଏବଂ ଆମେ ମିଳିତ ଭାବେ ଏକ ବିମାନ କମ୍ପ୍ଲେକ୍ସ ଉଦଘାଟନ କରିଥିଲୁ। ଏହି ସ୍ଥାନରେ ହିଁ ପ୍ରଥମ ଥର ପାଇଁ ଭାରତରେ ସି-୨୯୫ ବିମାନ ନିର୍ମିତ ହେବ। ଶ୍ରୀ ରତନ ଟାଟା ହିଁ ଏହା ଉପରେ କାମ ଆରମ୍ଭ କରିଥିଲେ। କହିବା ବାହୁଲ୍ୟ ଯେ ଶ୍ରୀ ରତନ ଟାଟାଙ୍କ ଅନୁପସ୍ଥିତି ଏଠାରେ ଖୁବ୍ ଗଭୀର ଭାବେ ଅନୁଭୂତ ହୋଇଥିଲା।

ନିୟମିତ ଭାବେ ଚିଠି ଲେଖୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ଶ୍ରୀ ରତନ ଟାଟାଙ୍କୁ ସ୍ମରଣ କରୁଛି। କେବେ ଶାସନ ପ୍ରସଙ୍ଗରେ ହେଉ କିମ୍ବା ସରକାରୀ ସହାୟତାକୁ ପ୍ରଶଂସା କରି ହେଉ ଅଥବା ନିର୍ବାଚନ ବିଜୟ ପରେ ଅଭିନନ୍ଦନ ଜଣାଇବା ହେଉ, ସେ ମୋତେ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଚିଠି ଲେଖୁଥିଲେ।



ମୁଁ କେନ୍ଦ୍ରକୁ ଆସିବା ପରେ ଆମର ଘନିଷ୍ଠ ସମ୍ପର୍କ ଜାରି ରହିଲା ଏବଂ ସେ ଆମ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ଜଣେ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଥିଲେ। ବିଶେଷ କରି, ସ୍ୱଚ୍ଛ ଭାରତ ମିଶନ ପାଇଁ ଶ୍ରୀ ରତନ ଟାଟାଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା।

ସ୍ୱଚ୍ଛ ଭାରତ ମିଶନ ପାଇଁ ଶ୍ରୀ ରତନ ଟାଟାଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା। ଭାରତର ପ୍ରଗତି ପାଇଁ ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିମଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରି ସେ ଏହି ଜନ ଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଅକ୍ଟୋବର ଆରମ୍ଭରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ଅବସରରେ ତାଙ୍କ ହୃଦୟସ୍ପର୍ଶୀ ଭିଡିଓ ବାର୍ତ୍ତା ମୋର ଆଜି ବି ମନେ ଅଛି। ଏଥିରେ ଶେଷଥର ପାଇଁ ସେ ସର୍ବସମ୍ମୁଖକୁ ଆସିଥିଲେ। ଆଉ ଏକ ମହତ କାର୍ଯ୍ୟ ତାଙ୍କ ହୃଦୟର ନିକଟତର ଥିଲା, ତାହା ହେଉଛି ସ୍ୱାସ୍ଥ୍ୟସେବା। ବିଶେଷ କରି କର୍କଟ ବିରୋଧୀ ସଂଗ୍ରାମରେ ଯୋଗଦାନ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ। ମୋର ମନେ ଅଛି, ଦୁଇ ବର୍ଷ ପୂର୍ବେ ଆସାମରେ ହୋଇଥିବା କାର୍ଯ୍ୟକ୍ରମ, ଯେଉଁଠାରେ ଆମେ ମିଳିତ ଭାବେ ରାଜ୍ୟର ଏକାଧିକ କର୍କଟ ଚିକିତ୍ସାଳୟକୁ ଉଦଘାଟନ କରିଥିଲୁ। ସେହି ସମୟରେ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲେ ଯେ ସେ ତାଙ୍କର ଶେଷ ବର୍ଷଗୁଡ଼ିକୁ ସ୍ୱାସ୍ଥ୍ୟସେବା ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟସେବା ଓ କର୍କଟ ଚିକିତ୍ସାକୁ ଶସ୍ତା ଓ ସୁଲଭ କରିବା ପାଇଁ ତାଙ୍କର ପ୍ରୟାସ ପଛରେ ମୂଳ ଉଦ୍ଦେଶ୍ୟ ଥିଲା- ରୋଗ ସହ ଲଢୁଥିବା ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ କରିବା। ସବୁଠାରୁ ଅସୁରକ୍ଷିତ ଲୋକଙ୍କ ସହ ଛିଡ଼ା ହୋଇଥିବା ସମାଜ ହିଁ ପ୍ରକୃତରେ ନ୍ୟାୟପୂର୍ଣ୍ଣ ସମାଜ ବୋଲି ସେ ବିଶ୍ୱାସ କରୁଥିଲେ।

ଆଜି ଆମେ ଯେତେବେଳେ ତାଙ୍କୁ ସ୍ମରଣ କରୁଛୁ, ତାଙ୍କ ପରିକଳ୍ପିତ ସମାଜ କଥା ଆମ ମନକୁ ଆସୁଛି, ଯେଉଁଠି ବ୍ୟବସାୟକୁ କଲ୍ୟାଣର ଶକ୍ତି ରୂପେ ବିନିଯୋଗ କରିହେବ, ପ୍ରତ୍ୟେକ ବ୍ୟକ୍ତିର ସମ୍ଭାବନାକୁ ଗୁରୁତ୍ୱ ମିଳୁଥିବ ଏବଂ ସମସ୍ତଙ୍କ କଲ୍ୟାଣ ଓ ଖୁସିର ମାପଦଣ୍ଡ ଆଧାରରେ ପ୍ରଗତିକୁ ମାପିବା ସମ୍ଭବ ହୋଇପାରିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ଲୋକଙ୍କ ଜୀବନରେ ଏବଂ ତାଙ୍କ ଦ୍ୱାରା ପ୍ରୋତ୍ସାହିତ ଅନେକ ସ୍ୱପ୍ନରେ ସେ ସବୁବେଳେ ଜୀବନ୍ତ ରହିବେ। ଭାରତକୁ ଅଧିକ ଉନ୍ନତ, ଦୟାପୂର୍ଣ୍ଣ ଏବଂ ଆଶାବାଦୀ ସ୍ଥାନରେ ପରିଣତ କରିଥିବାରୁ ଅନେକ ପିଢ଼ି ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

# ବିପଦର ସଙ୍କେତ, ବିଗିଡ଼ା ସ୍ୱାସ୍ଥ୍ୟ, ଉଜୁଡ଼ା ଚାଷ ଓ ଭୂତଳ ଜଳ ନିମ୍ନଗାମୀ

### ଅଲେଖ ଚନ୍ଦ୍ର ସାମଲ



> ଜଳବାୟୁ ଓ ପରିବେଶ ବିଜ୍ଞାନୀଙ୍କ କହିବାନୁଯାୟୀ ଜଳବାୟୁ ପରିବର୍ତ୍ତନ ଓ ଗ୍ଲୋବାଲ ୱାର୍ମିଂ ପ୍ରଭାବରେ କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବା ସହ ବର୍ଷା ଅନିୟମିତ ହେଉଛି। ୨୦୦୦ ମସିହା ପୂର୍ବରୁ ବର୍ଷା ଦିନେ ଝରି ବର୍ଷା ଦୁଇ କି ତିନି ଦିନ ଧରି ଝିପିଝିପି ହେଉଥିଲା। ଏଥିରେ ବାୟୁମଣ୍ଡଳ ଥଣ୍ଡା ପଡୁଥିଲା। ଆଉ ସେଭଳି ଝରି ବର୍ଷା ନାହିଁ। ଚଳିତ ବର୍ଷ ନା ମୂଷଳ ଧାରା ବର୍ଷା ହୋଇଛି ନା ଝରି ବର୍ଷା। ପୂର୍ବରୁ ପ୍ରାୟତଃ ଘୂର୍ଣ୍ଣିବଳୟ / ଲଘୁଚାପ ଉପକୂଳ ଠାରୁ ଦୂରରେ ସମୁଦ୍ର ଭିତରେ ସୃଷ୍ଟି ହେଉଥିଲା। ଏହା ଅଧିକ ଦିନ ଧରି ଭଲ ବର୍ଷା ହେଉଥିଲା। ମାତ୍ର ଏବେ ପ୍ରାୟତଃ ଘୂର୍ଣ୍ଣିବଳୟ ଲଘୁଚାପ ଉପକୂଳରେ ସୃଷ୍ଟି ହେଉଛି। ଗ୍ଲୋବାଲ ୱାର୍ମିଂ ପ୍ରଭାବରେ ସମୁଦ୍ର ଜଳପତ୍ତନ ଉତ୍ତପ୍ତ ରହୁଥିବାରୁ ଏହା ଶୀଘ୍ର ଘନୀଭୂତ ହେଉଛି। ଏହା ସ୍ଥଳଭାଗକୁ ଶୀଘ୍ର ଆସିବା ଯୋଗୁ ବର୍ଷା ଯେତିକି ହେବା କଥା ହେଉନି।

ଜଳବାୟୁ ପରିବର୍ତ୍ତନର ହଟସ୍ପଟ ପାଲଟିଛି ଓଡ଼ିଶା। ଏଥିପାଇଁ ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ, ବାତ୍ୟା, ବର୍ଷା ଅଭାବ ସହ ବେଳେ ବେଳେ ଅତ୍ୟଧିକ ବର୍ଷାର ବିପତ୍ତିକୁ ସାମ୍ନା କରିବାକୁ ପଡୁଛି। ପାଣିପାଗର ଏଭଳି ଚରମ ରୂପ ସ୍ୱାସ୍ଥ୍ୟ ଓ କୃଷିକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ପାଗରେ ଅଚାନକ ପରିବର୍ତ୍ତନ ଯୋଗୁ ବୃଦ୍ଧ, ଶିଶୁ ଓ ରୋଗାକ୍ରାନ୍ତ ଲୋକଙ୍କ ଶରୀର ତାହାକୁ ସହିପାରୁନି। ଅନିୟମିତ ବର୍ଷା ଯୋଗୁ ଫସଲ ପରିଚାଳନା ଯୋଜନା ବିଗିଡ଼ି ଯାଉଛି। ବୁଣାବୁଣିରୁ ଅମଳ ପର୍ଯ୍ୟନ୍ତ ସବୁର ସମୟ ଏପାଖସେପାଖ ହେଉଛି। ବିଶେଷଜ୍ଞ ଚେତାଇ ଦେଇଛନ୍ତି ପାଣିପାଗର ଏ ବିଚିତ୍ର ଧାରା ଆଗକୁ ଆହୁରି ବଢ଼ିବ। ବର୍ଷା ହେବ, ହେଲେ ମାଟି ବତୁରିବ ନାହିଁ। ଏପଟେ ବନ୍ୟା, ହେଲେ ସେପଟେ ମରୁଡ଼ି ପଡ଼ିବ। ବର୍ଷା ସଙ୍କଟରୁ ଶୁଖିଯିବ ଜଳ ଉତ୍ସ। ଖସିଯିବ ଭୂତଳ ଜଳ ସ୍ତର। ଆଗକୁ ଘନେଇବ ପାନୀୟ ଜଳ ସଙ୍କଟ। ଏସବୁର ସିଧା ପ୍ରଭାବ ପଡ଼ିବ ମଣିଷ ସ୍ୱାସ୍ଥ୍ୟ ଉପରେ। ହଠାତ୍ ଅସୁସ୍ଥତା ଗ୍ରାସିଯିବ ଜନଜୀବନକୁ। ରକ୍ତଚାପ, ହୃଦରୋଗ ରୋଗ ଆଶଙ୍କା ବଢ଼ିବ। ମେଘ ବରଷିଲା ଟୁପୁରୁ ଟାପୁରୁ। ଝିପିଝିପି ବର୍ଷାରେ ମନେ ପଡ଼ିଯାଏ ସତୁରୀ ଦଶକ ଶେଷ ଶ୍ରାବଣ ଚଳଚ୍ଚିତ୍ରର ଏ ଗୀତଟି। ମାତ୍ର ଏ ଚଳଚ୍ଚିତ୍ର ଯେମିତି ଇତିହାସ, ଟୁପୁରୁ ଟୁପୁରୁ ବର୍ଷା ବି ସେମିତି ଇତିହାସ ପୃଷ୍ଠା ପାଲଟିଗଲାଣି। ଆଉ ଝରୁନାହିଁ ଝରି ବର୍ଷା। ଏବେ ବର୍ଷା ଅଜାଡ଼ି ଦେଉଛି, ପୁଣି ଟାଇଁ ଟାଇଁ ଖରା। ଲମ୍ବା ଅବଧି ବର୍ଷା ଦେଖିବାକୁ ମିଳୁନି। ମୌସୁମୀର ଅଧିକାଂଶ ଦିନ ଏତେ ଏତେ ତତଲା ରହୁଛି ଯେ, ଜାଣି ହେଉନି ଏଇଟା ବର୍ଷା ନା ଗ୍ରୀଷ୍ମ। ବିଚିତ୍ର ରୂପ ନେଲାଣି ପାଣିପାଗ। ସେପ୍ଟେମ୍ବର ଆଧା ହେଲାଣି ଗରମ ଯାଉନି। ନାକେଦମ କରୁଛି ଗୁଳୁଗୁଳି। ଦିନ ହେଉ କି ରାତି ଦରକାର ପଡୁଛି ପଙ୍ଖା ଆଉ ଏସି। ସ୍ଥିତି ଏମିତି ହେଲାଣି, ଜାଣି ହେଉନି କି ଏଇଟା ବର୍ଷା ନା ଗ୍ରୀଷ୍ମ ଋତୁ। ଯେବେ ବର୍ଷା ହେଉଛି, ଅସରାଏ ଲେଖାଏଁ ଅଜାଡ଼ି ଦେଉଛି।

ମାତ୍ର ଲଗାତାର ଦୁଇ ତିନି ଧରି ଲାଗି ରହୁଥିବା ଝରି ବର୍ଷା ଆଉ ହେଉନାହିଁ। ମୂଷଳଧାରା ବର୍ଷା ବି କୁଆଡ଼େ ହଜିଗଲାଣି। କଲମ୍ବିଆ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାସନାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫର କ୍ଲାଇମେଟ ଆଣ୍ଡ ସୋସାଇଟିଙ୍କ ବିଶ୍ଳେଷଣକୁ ଆଧାର କରି ତଥ୍ୟ ଅନୁଯାୟୀ ଏ ବର୍ଷା ଲା-ନିନା ଯୋଗୁ ଦେଶରେ ଶୀତ ପ୍ରକୋପ ଅଧିକ ରହିବ। ମାତ୍ର ଓଡ଼ିଶାରେ ଏହାର ପ୍ରଭାବ କମ ପଡ଼ିବ। ସ୍ୱାଭାବିକ ଠାରୁ ଅଧିକ ରହିବ ତାପମାତ୍ରା। ଅକ୍ଟୋବରରେ ଓଡ଼ିଶା ଓ ସଂଲଗ୍ନ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିପାରେ। ନଭେମ୍ବର, ଡିସେମ୍ବର ଓ ଜାନୁଆରୀରେ ଦେଶର ବିଭିନ୍ନ ସ୍ଥାନରେ ଥଣ୍ଡା ଅଧିକ ହେବ। ଓଡ଼ିଶାରେ ଏଥର ଶୀତଋତୁରେ ଅଧିକାଂଶ ଦିନ ପାଗ ମେଘୁଆ ରହିବ। ତେଣୁ ଗରମ ଅଧିକ ରହିବ।

ଜଳବାୟୁ ଓ ପରିବେଶ ବିଜ୍ଞାନୀଙ୍କ କହିବାନୁଯାୟୀ ଜଳବାୟୁ ପରିବର୍ତ୍ତନ ଓ ଗ୍ଲୋବାଲ ୱାର୍ମିଂ ପ୍ରଭାବରେ କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବା ସହ ବର୍ଷା ଅନିୟମିତ ହେଉଛି। ୨୦୦୦ ମସିହା ପୂର୍ବରୁ ବର୍ଷା ଦିନେ ଝରି ବର୍ଷା ଦୁଇ କି ତିନି ଦିନ ଧରି ଝିପିଝିପି ହେଉଥିଲା। ଏଥିରେ ବାୟୁମଣ୍ଡଳ ଥଣ୍ଡା ପଡୁଥିଲା। ଆଉ ସେଭଳି ଝରି ବର୍ଷା ନାହିଁ। ଚଳିତ ବର୍ଷ ନା ମୂଷଳ ଧାରା ବର୍ଷା ହୋଇଛି ନା ଝରି ବର୍ଷା। ପୂର୍ବରୁ ପ୍ରାୟତଃ ଘୂର୍ଣ୍ଣିବଳୟ / ଲଘୁଚାପ ଉପକୂଳ ଠାରୁ ଦୂରରେ ସମୁଦ୍ର ଭିତରେ ସୃଷ୍ଟି ହେଉଥିଲା। ଏହା ଅଧିକ ଦିନ ଧରି ଭଲ ବର୍ଷା ହେଉଥିଲା। ମାତ୍ର ଏବେ ପ୍ରାୟତଃ ଘୂର୍ଣ୍ଣିବଳୟ ଲଘୁଚାପ ଉପକୂଳରେ ସୃଷ୍ଟି ହେଉଛି। ଗ୍ଲୋବାଲ ୱାର୍ମିଂ ପ୍ରଭାବରେ ସମୁଦ୍ର ଜଳପତ୍ତନ ଉତ୍ତପ୍ତ ରହୁଥିବାରୁ ଏହା ଶୀଘ୍ର ଘନୀଭୂତ ହେଉଛି। ଏହା ସ୍ଥଳଭାଗକୁ ଶୀଘ୍ର ଆସିବା ଯୋଗୁ ବର୍ଷା ଯେତିକି ହେବା କଥା ହେଉନି। ଉପକୂଳ ଠାରୁ ଆଭ୍ୟନ୍ତରୀଣ ଅଞ୍ଚଳରେ ବେଶି ବର୍ଷା କରାଉଛି। ବର୍ତ୍ତମାନ ବାୟୁମଣ୍ଡଳରେ ଯେତିକି ଜଳୀୟବାଷ୍ପ ରହୁଛି, ସେହି ଅନୁପାତରେ ବର୍ଷା ହେଉନି। ବର୍ଷ ଯେତେବେଳେ ହେଉଛି ଅସରାଏ ଲେଖାଏଁ। କେବେ ୫ରୁ ୧୦ ମିମି କିମ୍ବା ଅତି ବେଶିରେ ୪୦ରୁ ୬୦ ମିଲିମିଟର। କିଛି ସମୟ ବର୍ଷା କାଟିବା ପରେ ପୁଣି ପାଗ ବଦଳିଯାଉଛି। ତେଣୁ ଗରମ ଅଧିକ ରହୁଛି। ବର୍ଷର ଅନିୟମିତତାରେ ଫସଲ ଉତ୍ପାଦନ କମିବ। ବିଭିନ୍ନ ମହାମାରୀକୁ ସହ ମ୍ୟାଲେରିଆ, ଡେଙ୍ଗୁ ରୋଗ ବି ବଢ଼ିବ। ବାୟୁମଣ୍ଡଳରେ ପ୍ରଦୂଷଣ ସ୍ତର ବି ବଢ଼ି ଚାଲିବ। ଚଳିତ ବର୍ଷ ରାଜ୍ୟରେ ଏବେ ସୁଦ୍ଧା ଜନୁ ପହିଲା ଠାରୁ ସେପ୍ଟେମ୍ବର ୧୯ ଭିତରେ ହାରାହାରି ୧୦୦୦.୮ ମିଲିମିଟର ବର୍ଷା ହୋଇଛି। ଏହା ସ୍ୱାଭାବିକ ଠାରୁ ୮% କମ। ପାଣିପାଗ ବିଭାଗ ହିସାବରେ ୧୯% କମିଲେ ହିଁ ନିଅଣ୍ଟିଆ କୁହାଯାଏ। ତେଣୁ ଏହାକୁ ସ୍ୱାଭାବିକ ବର୍ଷା କୁହାଯିବ। ୧୦ଟି ଜିଲ୍ଲାରେ ବର୍ଷା ପରିମାଣ ନିଅଣ୍ଟିଆ ରହିଛି ଏଯାଏଁ। ମୋଟ ହିସାବ ଅନୁସାରେ ରାଜ୍ୟରେ ବର୍ଷା ନିଅଣ୍ଟିଆ ସ୍ଥିତି ନାହିଁ। ମାତ୍ର ଏହା ସତ୍ତ୍ୱେ ଏତେ ଗରମ କାହିଁକି, ତାହା ଚକିତ କରୁଛି। ଚଳିତ ବର୍ଷ ଜୁନ, ଜୁଲାଇ, ଅଗଷ୍ଟ, ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିବା ସହ ପୂର୍ବ ରେକର୍ଡ଼ ଭାଙ୍ଗି ଥିବା ବିଶେଷଜ୍ଞ କହୁଛନ୍ତି। ଅନେକ ଲଘୁଚାପ ଆସୁଛି, ଢ଼େର ବର୍ଷୁଛି, ତଥାପି ମାଟି ବତର ନାହିଁ ଅଧିକାଂଶ ଅଞ୍ଚଳରେ।

ଗତ ଦେଢ଼ ଦଶନ୍ଧି ଭିତରେ ମହାନଦୀରେ ଆଉ ବଡ଼ ବନ୍ୟା ଆସିନାହିଁ। ବର୍ଷ ତମାମ ରାଜ୍ୟରେ ନଦୀଗୁଡ଼ିକ ଶୁଖିଲା ରହୁଛି। ଜଳ ଉତ୍ସ ଯେମିତି ମରି ଚାଲିଛି। ବିଶେଷଜ୍ଞ ଆଶଙ୍କା କଲେଣି, ବର୍ଷାର ଅନିୟମିତତା ଏହାର ଏକ ପ୍ରମୁଖ କାରଣ। ଭୂତଳ ଜଳ ବି ଖସିବାରେ ଲାଗିଛି। ଯଦି ଏ ଧାରା ଲାଗି ରହେ, ଆଗକୁ ମହାବିପତ୍ତି ମାଡ଼ି ଆସିବ। ନିକଟରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ବିଶେଷଜ୍ଞମାନେ ଭିତରକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଜଳ ଉତ୍ସ ଅଭାବରୁ ଆଗକୁ ମହେଞ୍ଜୋଦରୋ ଓ ହରପା ସଭ୍ୟତା ଭଳି ଆମ ଅଞ୍ଚଳ ଲୋପ ପାଇଯିବନି ତ?


ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର





## ଆଗୋ ସୁନ୍ଦରୀ କନକ ଗୋରୀ

### ଜୟନ୍ତ କୁମାର ମଲ୍ଲିକ୍



ଆଗୋ ସୁନ୍ଦରୀ କନକ ଗୋରୀ
ତୁମେ ସରଗ ପରୀ -

ତୁମ ବିନା ମୋ କାହାଣୀ ଶେଷ
ଯିବି ନିମିଷେ ମରି,
ବାହୁ ବନ୍ଧନେ ବାନ୍ଧିଛ ମତେ
ଯେବେଠୁ ପ୍ରିୟା ତୁମେ -

ସୁଖ ସମ୍ଭୋଗ ଭୋଗ ବିଳାସେ
ମନଟି ମୋର ଝୁମେ,
ଛାତିର କୋହ ଆଖିର ଲୁହ
ନେଇଛ ସବୁ ହରି -

ତୁମ ପ୍ରେମରେ ଜୀବନ ପାତ୍ର
ଯାଇଛି ମୋର ଭରି,
ଦେଇଛ ସବୁ ମାଗିନ କିଛି
ରହିଛ ଛାଇ ପରି -

ପିଛଳ ପଥେ ପଡିବା ଆଗୁ
ନେଇଛ ମତେ ଧରି,
ତୁମରି ପାଶେ ରହିଥିବି ମୁଁ
ହୋଇବା ଯାଏଁ ଶବ -

ମଲା ପରେ ମୋ ସମାଧି ପରେ
ଗୋଲାପ ଟିଏ ଦବ।


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ -୯୪୩୭୮୬୫୭୨୭


## ରେ ଅନ୍ଧକାର

### ଭାବଗ୍ରାହୀ ମେହେର



ରେ ଅନ୍ଧକାର
ମତେ ଡରେଇବାକୁ
ପ୍ରୟାସ କରୁଛୁ କି ??
ଆରେ ଯାଆରେ...
ତତେ ଶାନ୍ତ ଆଉ ସହିଷ୍ଣୁତାର
ଅସ୍ତ୍ରରେ
ଅନେକ ଥର ବଧ
କରି ସାରିଛି।

ତୋର ଏଇ ବିକଟାଳ ରୂପରେ
ଭାବୁଛୁ ମୁଁ ଭୟଭୀତ ହେଇଯିବି ?
ଆରେ ଯାଆରେ...
ମୁଁ ତୋ ଭଳି କେତେ ଯେ
ଅମାବାସ୍ୟା ରାତିକୁ
ଲୁହର ସମୁଦ୍ରରେ
ଧୋଇ ସାରିଛି।

ରେ ଅନ୍ଧକାର
ତୋର ସେଇ ମଧ୍ୟ ଅବସ୍ଥାର
ତାଣ୍ଡବ ଲୀଳାରେ
ଭାବୁଛୁ କି ମୁଁ ଡରିଯିବି ??
ଆରେ ଯାଆରେ...
ତତେ କଠିନ ପରିଶ୍ରମ ବଳରେ
ଆଗରୁ ମାତ୍ ଦେଇ ସାରିଛି।

ହଇରେ ଅନ୍ଧକାର
ମତେ ଉପହାସ କରିବାକୁ
ଚେଷ୍ଟା କରୁଛୁ କି ??
ଆରେ ଯାଆରେ...
ସେଇ ଉପହାସକୁ ଆଗରୁ
ପ୍ରଶଂସାରେ ପରିଣତ କରି ସାରିଛି।

ରେ ଅନ୍ଧକାର
ମତେ ଘୋଷାଡି ମାରିବାକୁ
ଚେଷ୍ଟା କରୁଛୁ କି ??
ଆରେ ଯାଆରେ...
ତୋ ଭଳି ଅନ୍ଧାରକୁ
ପାଦେ ପାଦେ ଚାଲି ଚାଲି
କେତେ ଯେ ପାର୍ କରି ସାରିଛି।


କଁସିଲ, ବଙ୍ଗୋମୁଣ୍ଡା, ବଲାଙ୍ଗୀର
ସହକାରୀ ଶିକ୍ଷକ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୋମନା

# ସାହାଯ୍ୟ କଲେ ସୁଖ ମିଳେ

**ରମେଶ ଚନ୍ଦ୍ର ଦାଶ**

ବିଲୁଆ ଓ ଗଧିଆ ଦୁହେଁ ଜଣେ ମାଲିକ ପାଖରେ ଏକାଠି କାମ କରୁଥିଲେ । ବିଲୁଆ ନିଷ୍ଠାର ସହିତ କାମ କରେ କିନ୍ତୁ ଗଧିଆ ପାରେ ନାହିଁ । ତେଣୁ ମାଲିକ ତା' ଉପରେ ସଦାବେଳେ ବିରକ୍ତ ହୁଏ । ଏଥିପାଇଁ ଗଧିଆ ମନଦୁଃଖରେ





ଥାଏ । ଦିନେ ସେ ବିଲୁଆ ପାଖକୁ ଯାଇ କହିଲା- ଭାଇ, ତୁମେ ଅଧିକ କାମ କରିବାରୁ ମାଲିକ ମୋତେ ଗାଳି କରୁଛି । ସେ କେତେବେଳେ ବି ମୋତେ ବାହାର କରିଦେଇପାରେ । ତେଣୁ ତୁମେ ତୁମ କାମର ପରିମାଣ ଟିକେ କମାଇଦିଅ । ଏହା ଶୁଣି ବିଲୁଆ କହିଲା- ମୁଁ ପାରିବିନି । ତୋତେ ମାଲିକ କାଢ଼ିଲେ ମୋର କ'ଣ ଗଲା ? ସତକୁ ସତ କିଛିଦିନ ପରେ ମାଲିକ ଗଧିଆକୁ ବାହାର କରିଦେଲା । ସେ କହିଲା- ଏକା ବିଲୁଆ ତ ମୋ ପାଇଁ ଯଥେଷ୍ଟ । ଗଧିଆକୁ ଅଯଥାରେ ରଖିବି କାହିଁକି ? ତାପରେ ବିଲୁଆ ନିଜ କାମ ସହିତ ଗଧିଆ କାମ ବି କଲା । ପ୍ରଥମେ କିଛିଦିନ ଗଧିଆ ଚାଲିଯିବା ଖୁସିରେ ସେ କାମ କଲା । ତାପରେ ତାକୁ ଭିଡ଼ ପଡ଼ିଲା । ସେ କାମ କରିପାରିଲା ନାହିଁ । ଏମିତି କି ସେ ସାଙ୍ଘାତିକ ଦେହ ଖରାପରେ ପଡ଼ିଲା । ନିଜ କାମ ବି କରିପାରିଲା ନାହିଁ ।

ମାଲିକର ତ କାମ ଦରକାର । ସେ ବିଲୁଆକୁ କହିଲା- ତୁ କାମ ନକଲେ ତୋତେ ଖାଇବାକୁ ଦେଇ ରଖିବି କାହିଁକି ? ତୁ ବି ଯାଆ । ମୁଁ ଆଉ କାହାକୁ ରଖି କାମ କରାଇବି । ବିଲୁଆ ଯେତେ ନେହୁରା ହେଲେ ବି ଶୁଣିଲା ନାହିଁ । ତାପରେ ତାର ମନେପଡ଼ିଲା ଗଧିଆ କଥା । ସେ ସେତେବେଳକୁ ଅନ୍ୟ ଜଣେ ମାଲିକ ପାଖରେ କାମ କରୁଥାଏ । ତାକୁ ଦିନେ ଭେଟି ତାର ଦୁଃଖ ଜଣାଇଲା । ମାଲିକର କାମ ନକଲେ ସେ ତାକୁ ବାହାର କରିଦେବ ବୋଲି ମଧ କହିଲା । ପରୋପକାରୀ ଗଧିଆ କିଛି ଆଗପଛ ବିଚାର ନକରି ବିଲୁଆକୁ ସାହାଯ୍ୟ କରିବାକୁ ଯିବା ନିମନ୍ତେ ଛୁଟି ଦେବାକୁ ନିଜ ମାଲିକକୁ କହିଲା । ଗଧିଆର ମାଲିକ ଥିଲା ଅତି ଦୟାଳୁ । ସେ ଗଧିଆର ସାହାଯ୍ୟ ମନୋବୃତ୍ତି ବୁଝି ତାକୁ ଛୁଟିଦେଲା ।

ଗଧିଆ ବିଲୁଆ ପାଇଁ ପ୍ରଥମ ମାଲିକ ପାଖରେ କାମ କଲା । ତାକୁ ଦେଖି ପ୍ରଥମ ମାଲିକ ଆଶ୍ଚର୍ଯ୍ୟ ହୋଇ ପଚାରିଲା- ହଇରେ, ତୋର ବିରୋଧରେ ବିଲୁଆ କହିବାରୁ ମୁଁ ତୋତେ କାମରୁ ବିଦା କରିଥିଲି । ଏବେ ତୁ ଆସିଛୁ ତାକୁ ସାହାଯ୍ୟ କରିବାକୁ କିପରି ? ଏହା ଶୁଣି ଗଧିଆ କହିଲା- ଅନ୍ୟକୁ ଅସମୟରେ ସାହାଯ୍ୟ କଲେ ସ୍ୱର୍ଗ ସୁଖ ମିଳେ । ମୁଁ ସେଥିପାଇଁ ଆସିଛି । ବିଲୁଆ ମୋ ବିରୋଧରେ କହିଲେ ମଧ ସେ ଆଜି ମୋର ସାହାଯ୍ୟ ଲୋଡ଼ିଲା ଯେତେବେଳେ ମୁଁ ଚାଲିଆସିଲି । କାରଣ ମୁଁ ମୋର କ୍ଷମତା ମୁତାବକ କାମ କରେ ।

ଏହା ଶୁଣି ତାର ମାଲିକ ଆଶ୍ଚର୍ଯ୍ୟ ହୋଇଗଲା । ପ୍ରକୃତରେ ମୁଁ ଦୋଷୀ । ପ୍ରଥମତଃ ତୋର ଭଲଗୁଣକୁ ମୁଁ ସମ୍ମାନ ଦେଇନାହିଁ । ଦ୍ୱିତୀୟତଃ ମୁଁ ଲୋଭରେ ପଡ଼ି ତୋତେ କାଢ଼ିଥିଲି । ଦୁଇଜଣ ଥିଲେ ମୋତେ ଏବେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା । ସେହିଦିନ ଠାରୁ ପୁଣି ଦୁଇଜଣଙ୍କୁ ରଖିବାକୁ କହିଲା । କିନ୍ତୁ ଗଧିଆ କହିଲା- ମୋତେ ତୁମେ ନିରାଶ କରିଛ । କିନ୍ତୁ ସେହି ସମୟରେ ଯିଏ ମୋତେ ଆଶ୍ରା ଦେଇଛି ମୁଁ କେବେ ବି ତାକୁ ନିରାଶ କରିବି ନାହିଁ । ବିଲୁଆ ସୁସ୍ଥ ହୋଇ ଫେରିବା ପରେ ସେ ନିଜ କାମକୁ ଫେରିଆସିଲା ।


ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ ।
ମୋ-୯୭୭୬୨୩୮୫୨୨


# ପପୁର ସାଇକେଲ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**



ପପୁର ବାପା ତା ପାଇଁ ଗୋଟିଏ ନୂଆ ସାଇକେଲ କିଣି ଦେଇଥିଲେ । ସେ ସାଇକେଲଟିକୁ ଚଲାଇ ପପୁ ଘର ଆଗରେ ଏପଟ ସେପଟ ହୁଏ । ତା' ଦ୍ୱାରା ତା'ର ଖେଳ ହେବା ସହ ବ୍ୟାୟାମ ବି ହୋଇ ଯାଉଥାଏ । ଖେଳି ସାରି ପପୁ ତା' ସାଇକେଲଟିକୁ ତାଙ୍କ ଗ୍ୟାରେଜରେ ରଖି ଦିଏ । ସେଇଠି ତା' ବାପାଙ୍କର ଗାଡ଼ି ବି ରହେ । ତା' ବାପା ସବୁଦିନ ତାଙ୍କ ମଟର ସାଇକେଲ ନେଇ ଅଫିସ ଯାଆନ୍ତି । ଅଫିସ୍‌ରୁ ଫେରି ମଟର ସାଇକେଲ ଘର କଡ଼କୁ ଲାଗିକରି ଥିବା ଗ୍ୟାରେଜରେ ରଖି ଦିଅନ୍ତି । ଗ୍ୟାରେଜ୍‌ରେ ଥାଏ ଗୋଟିଏ ଜାଲି କବାଟ । ତା' ଭିତର ଦେଇ କୁକୁର ବିଲେଇ ପଶି ଯାଆନ୍ତି । ରାତିରେ ଶୋଇ ରହନ୍ତି ।

ପପୁ ଦିନେ ସନ୍ଧ୍ୟାବେଳେ ଗ୍ୟାରେଜ ଭିତରେ ତା' ସାଇକେଲଟି ରଖିବା ବେଳେ କୁଁ କୁଁ ଶବ୍ଦ ଶୁଣି ଡରିଗଲା । ଧାଇଁ ଯାଇ ତା' ମା'ଙ୍କୁ ଡାକିଲା । ମା' ଆସି ଦେଖିଲେ ଗ୍ୟାରେଜ କୋଣରେ କୁକୁରଟିଏ ଛୁଆ ଦେଇଥାଏ । ସେ କୁକୁରଟି ପପୁ ଏବଂ ତା' ମା'ଙ୍କୁ ଦେଖି ଠିଆ ହୋଇ ଭୁକିବାକୁ ଲାଗିଲା । କୁକୁର ଛୁଆ ଗୁଡ଼ିକ ନିକଟରେ ଜନ୍ମ ହୋଇ ଥିବାରୁ ତାଙ୍କର ଆଖି ଫିଟି ନଥାଏ । ପପୁକୁ ସେ ଛୋଟ ଛୋଟ ଛୁଆ ଗୁଡିକୁ ଦେଖିବାକୁ ଭାରି ମଜା ଲାଗୁଥାଏ । ମା' କିନ୍ତୁ ବୁଝାଇ କହିଲେ କୁକୁର ପାଖକୁ ନଯିବାକୁ । ତା' ଛୁଆକୁ କିଏ ନେଇଯିବ ଭାବି ମା' କୁକୁର କାମୁଡ଼ି ଦେଇପାରେ । କୁକୁର କାମୁଡ଼ିଲେ ଇଂଜେକ୍ସନ ନେବାକୁ ପଡ଼ିବ । ତେଣୁ ପପୁ ଆଉ କୁକୁର ପାଖକୁ ଯାଏ ନାହିଁ । କିନ୍ତୁ ତାକୁ ସେ କୁକୁର ଛୁଆଙ୍କ ସହ ଖେଳିବାକୁ ଇଛା ହେଉଥାଏ ।

ଦିନୁ ଦିନ କୁକୁର ଛୁଆ ଗୁଡିକ ମା' କ୍ଷୀର ଖାଇ ବଡ ହେଲେ । ତାଙ୍କ ଆଖି ଫିଟିବା ପରେ ଏଣେତେଣେ ବୁଲିବାକୁ ଲାଗିଲେ । କେତେ ବେଳେ ମା' ସହିତ ତ ପୁଣି କେତେବେଳେ ଏକୁଟିଆ । ଛୁଆ ଗୁଡିକ ବଡ ହୋଇ ଯିବାରୁ ତାଙ୍କ ମା' ବି ତାଙ୍କୁ ଛାଡ଼ି ଦୂରକୁ ଚାଲି ଯାଉଥାଏ ଖାଇବା ଖୋଜି ଖୋଜି । ଧୀରେ ଧୀରେ ଚାରି ପାଞ୍ଚଟି କଉତୁକିଆ କୁକୁର ଛୁଆ ଗୁଡିକ ମଧ୍ୟରୁ ଗୋଟିଏ ଗୋଟିଏ କରି କମ୍ ହେବାକୁ ଲାଗିଲେ । କିଏ ସବୁ ଗୋଟିଏ ଦୁଇଟି ପାଳିବାକୁ ନେଇ ଗଲେ । ଆଉ ଯେତେ କାହା ସହ ଖାଇବା ଲୋଭରେ ଚାଲି ଯିବା ଆଗରୁ ଗୋଟିଏ କଉତୁକିଆ ଛୁଆ ପପୁ ନିଜ ଘରେ ରଖିବାକୁ କହିଲା । ବାପା ମା ' ତା' କଥାରେ ରାଜି ହୋଇଗଲେ । ପପୁ ତା' ନାଆଁ ଦେଇଥିଲା ଟମି । ଟମି ପାଇଁ ପପୁର ବାପା ବଜାରରୁ ଗୋଟିଏ କୁକୁର ବନ୍ଧା ରଶି ନେଇ ଆସିଲେ । କିଛି ଦିନ ରଶିରେ ବନ୍ଧା ହୋଇ ରହିବା ପରେ ଟମି ପୋଷା ମାନି ଯାଇଥାଏ । ଆଉ ତାକୁ ବାନ୍ଧି କରି ରଖିବାକୁ ପଡୁ ନଥାଏ । ତା' ମା' ସେତେବେଳକୁ ଛୁଆଙ୍କୁ ଛାଡ଼ି କୁଆଡେ ଚାଲି ଯାଇଥାଏ । ଟମି ପପୁ ଘରେ ଖାଏ ପପୁ ସହ ଖେଳେ ଏବଂ ଗ୍ୟାରେଜରେ ଶୁଏ । ପପୁ ସନ୍ଧ୍ୟା ସମୟରେ ସାଇକେଲ ଚଳାଇବା ବେଳେ ଟମି ତା' ସହ ଧାଉଁଥାଏ ।

ଦିନେ ପପୁ ଖେଳ ସାରି ତା' ସାଇକେଲଟିକୁ ଗ୍ୟାରେଜରେ ରଖି ଦେଲା । ସଞ୍ଜ ହେବାରୁ ଧୁଆ ଧୋଇ ହୋଇ ପଢିବା ପାଇଁ ବସିଥାଏ । ଏହି ସମୟରେ ଟମି ଜୋର ଜୋର ଭୁକିବାକୁ ଲାଗିଲା । କାହାକୁ ଗୋଡ଼ାଉ ଥିବା ପରି ଲାଗିବାରୁ ପପୁ ଏବଂ ତା' ବାପା ଆସି ଦେଖିଲେ କେହି ଚୋର ପପୁର ସାଇକେଲଟି ନେଇ ପଳାଇ ଯାଉଥାଏ । ଟମି ଜୋର ଜୋର ଭୁକିବା ସହ ତାକୁ ଗୋଡାଇ ଥାଏ । ପପୁ ଏବଂ ତା' ବାପା ବି ଚୋରକୁ ଧରିବାକୁ ଦୌଡିବାର ଦେଖି ଚୋର ସାଇକେଲ ଛାଡ଼ି ପଳାଇଲା । ଏତିକି ବେଳେ ପପୁର ମା' ଘରୁ ବାହାରି ଆସିଲେ । କଣ ହେଲା ପଚାରିବାରୁ ତା' ବାପା କହିଲେ, ଟମି ନଥିଲେ ଆଜି ପପୁର ସାଇକେଲଟି ଚୋରି ହୋଇ ଯାଇଥାନ୍ତା ।

ପପୁ ଟମିକୁ ସାବାସି ଦେଇ ତା' ମୁଣ୍ଡକୁ ଆଉଁସି ଦେଲା । ତାକୁ ଆଣି ବିସ୍କୁଟ ଖାଇବାକୁ ଦେଲା ।


ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


## କବିତା

ତୁମ ପାଇଁ



### ଫୁଲ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ଫୁଲଟିଏ ଫୁଟେ ବଣ ବଗିଚାରେ
ମୁଖେ ତା'ର ସଦା ହସ
ସୁକୋମଳ ତନୁ ଦୁଃଖ ହରେ ମନୁ
ବିତରି ମଧୁର ବାସ ।

ତା ରଙ୍ଗୀନ ରୂପ ଦେଖିଣ ସୁଦୀପ
କହିଲା ବୋଉକୁ ଯାଇ
ରଙ୍ଗୀନ ପୋଷାକ ମୋର ପାଇଁ ତୁମେ
କାହିଁ ପାଇଁ ଆଣ ନାହିଁ ?

ପାଶେ ଆସେ ନାହିଁ ପରଜାପତିଟି
ଦେଖି ମୋ ଧବଳ ରଙ୍ଗ
ଦୂରେ ଚାଲିଯାନ୍ତି ଝୁନୁ ଟୁନୁ ଗୀତା
ହୁଅନ୍ତି ନାହିଁ ମୋ ସାଙ୍ଗ ।

ସୁଦୀପର ପିଠି ଥାପୁଡ଼େଇ ଦେଇ
ସଧିରେ କହିଲେ ବୋଉ
ସମାଦର ଗୁଣ ରହିଛି ତା'ଠାରେ
ସେ କଥା କାହିଁ ନ କହୁ ?

ରଙ୍ଗ ସାଥେ ସେ ଯେ ଗୁଣରେ ମୋହୁଛି
ସେବାକୁ ମଣିଛି ବ୍ରତ
ଜଗତ ଜାଣିଛି ଦେବଙ୍କ କାର୍ଯ୍ୟରେ
ସଦା ସିଏ ସମର୍ପିତ ।


+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦


### ଶୀତରେ ଶୀତ ଆସିଛି ଶୀତ

**ସୁନୀଲ କୁମାର ପ୍ରଧାନ**

ଶୀତରେ ଶୀତ ଆସିଛି ଶୀତ
କେତେ ଯେ ଆନନ୍ଦ ନେଇ
ଆମ ଗାଆଁରେ ନାହିଁରେ ଶୀତ
ଯାଇଛି ପରା ଉଭେଇ ।

କାକର ପଡିନି ଗାଁ ଘାସରେ
ଜଣା ପଡୁ ନାହିଁ ଶୀତ
ଟୁନା ପଚାରୁଛି କି ହୋ ଜେଜେ
ଶୀତ ଯେ କାହାର ମିତ ।

ଜେଜେ କହେ ଶୀତ ଆମ ମିତ
ଆସଇ ସବୁ ବରଷ
ସବୁଜ ସୁନ୍ଦର ଦିଶେ ଧରା
ମନରେ ଆଣେ ହରଷ ।

ଶୀତ ତ ଶୀତ ଆମରି ମିତ
ଆସୁଥାଏ ବାଘ ପରି
ଆଗ ଭଳି ଶୀତ ଆଉ ନାହିଁ
କୁଆଡେ ଯାଇଛି ସରି ।

ଗାଆଁ ଦାଣ୍ଡରେ ଲଗାଉ ନିଆଁ
ଶୀତର ଦମନ ପାଇଁ
ସେ ଶୀତ ଏବେ ଦୂର ରାଇଜେ
କୁଆଡେ ଯାଇଛି ରହି ।


+ଝାଟିପଦର, ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬


### ଆସ ବୁଲିଯିବା ବିଜ୍ଞାନ ମେଳା

**ଧ୍ରୁବ ଚରଣ ଘିବେଲା**

ମେଳା ତ ମେଳା ବିଜ୍ଞାନ ମେଳା
ବସେ ବର୍ଷକୁ ଥରେ
ପିଲାଙ୍କ ପ୍ରିୟ ପ୍ରକଳ୍ପ କେତେ
ସ୍ଥାନ ପାଏ ତହିଁରେ ।

ପିଲାଙ୍କ ହାତ ତିଆରି ସେଇ
ପ୍ରକଳ୍ପ ଭିନ୍ନ ଭିନ୍ନ
ବୁଝି ବିଚାରି ହାତେ ତିଆରି
ଲଗାଇ ବୁଦ୍ଧି ଜ୍ଞାନ ।

ମାର୍ଗଦର୍ଶକ ଶିକ୍ଷକଙ୍କର
ମାର୍ଗଦର୍ଶନରେ
ବିଷୟ ନେଇ ପ୍ରଥମ କାମ
ପ୍ରକଳ୍ପ ଚୟନରେ ।

ପ୍ରକଳ୍ପ ପଛ ବିହିତ ଜ୍ଞାନ
ସବୁକୁ ବୁଝି ଆଗ
ଦର୍ଶକ ଆଗେ ପ୍ରକଳ୍ପ କଥା
ବସ୍ତୁ ରଖନ୍ତି ବାଗ ।

ସ୍କୁଲ ପିଲାଏ ବୁଲି ବୁଲିକି
ନିଅନ୍ତି ମେଳା ମଜା
ମେଳା ଦେଖିକି ମଜା ସାଉଁଟି
ଲଭନ୍ତି ମଜା ତାଜା ।

ସବୁ ସ୍କୁଲରେ ବିଜ୍ଞାନ ମେଳା
ହୋଇବା ଭଲ କଥା
ବିଜ୍ଞାନ ମତେ ଜନ ଜୀବନ
ଅତି ଉତ୍ତମ ଚିନ୍ତା ।

ରହିବା ନାହିଁ କରିବା ନାହିଁ
ଅନ୍ଧବିଶ୍ୱାସ କେବେ
ଜୀବନେ ଦୁଃଖ ଲଭିବା ନାହିଁ
ଆମ ଜୀବନେ ତେବେ ।

ଆସରେ ପିଲେ ବିଜ୍ଞାନ ମେଳା
ସଭିଏଁ ବୁଲି ଯିବା
ଆର ବର୍ଷକୁ ପ୍ରକଳ୍ପ ନେଇ
ପ୍ରତିଭାଗୀ ସାଜିବା ।


+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬




### ଶିଶୁ ଦିବସରେ ଏତିକି ଅଳି......

**ରାମଚନ୍ଦ୍ର ବେହେରା**

ଚାଚା ନେହେରୁ ଆମ ଦେଶରୁ
କୁଆଡେ ଗଲେ ହଜି
ଶିଶୁ ସୁଲଭ ତାଂକ ସ୍ୱଭାବ
ମିଳୁନି ଆଉ ଖୋଜି ।

ଶିଶୁଂକୁ ଡାକି ସାଥୀରେ ମିଳି
ଖେଳୁଥିଲେ ସେ ଖେଳ
ପିଲାଂକ ମନେ ଭରୁଥିଲେ ସେ
ସାହସ ଆଉ ବଳ ।

ତାଂକ ଜନମ ଦିବସ ପରା
ଆସିଛି ଆଜି ମିତ
ଆସ ସଭିଏଁ ତାଂକ ସ୍ମରଣେ
ଗାଇବା ଖୁସି ଗୀତ ।

ଗୋଲାପ ଫୁଲ ଚରଣେ ତାଂକ
ଶ୍ରଦ୍ଧାରେ ଦେବା ଥୋଇ
ଦୀପ ଲଗେଇ କରିବା ପୂଜା
ଚରଣ ତାଂକ ଛୁଇଁ ।

ଶିଶୁ ହିତରେ ମୁକତ ଶିକ୍ଷା
ଥିଲା ତାଂକ ବିଚାର
ତାଂକ ପ୍ରୟାସେ ହଟିଲେ ପୁଣି
ବିଦେଶୀ ସରକାର ।

ସେ କହୁଥିଲେ ଆଜିର ଶିଶୁ
କାଲିକି ହେବ ବଡ
ଅହିଂସା ମନ୍ତ୍ର ଆଦରି ପ୍ରାଣେ
କରିବ ଦେଶ ଦୃଢ ।

ଆସ ସଭିଏଁ ହର୍ଷ ଉଲ୍ଲାସେ
ଶିଶୁ ଦିବସ ପାଳି
ସତ୍ୟ ପଥରେ ଚାଲିବା ପାଇଁ
କରିବା ସର୍ବେ ଅଳି ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### ଆମରି ଗାଆଁକୁ ସକାଳ ଛୁଇଁଲେ

**ଅଶୋକ କୁମାର ପ୍ରଧାନ**

ଆମରି ଗାଆଁକୁ ସକାଳ ଛୁଇଁଲେ
ଉଇଁ ଆସେ ହସି ପୁରୁବେ ରବି
ଆକାଶ ହସଇ ପୀତ ବସନରେ
ମନଛୁଇଁ ଯାଏ ଦେଖି ତା' ଛବି ।

ଦଳଦଳ ପକ୍ଷୀ ଖୋଲି ଯେ ଯା ଆଖି
ଉଡି ଯାଉଥାନ୍ତି ଆକାଶ ଛୁଇଁ
କଅଁଳ କିରଣେ ମନ ଖୋଲି ହସେ
ଗାଆଁରେ ସବୁଜ କ୍ଷେତର ଭୂଇଁ ।

ଗାଆଁ ପୋଖରୀରେ ପଦୁଅଁର ହାଟ
ବସିଯାଏ ଆସି ଆପଣା ଛାଏଁ
ସକାଳରୁ ସଞ୍ଜ ପୟର ପଦୁଅଁ
ସୁରୂଜକୁ କେଡେ ସରାଗେ ଚାହେଁ ।

ବାଡି ବଗିଚାରେ ମନ ଖୋଲା ହସି
ଫୁଟିଯାଏ ଫୁଲ ଭଳିକି ଭଳି
ଫୁଲର ମହକେ ଗୁଣୁ ଗୁଣୁ ଗୀତ
ଗାଇ ବୁଲୁଥାନ୍ତି କେତେ ଯେ ଅଳି ।

କାମ କରିବାକୁ କ୍ଷେତକୁ ଛୁଟଇ
ଆମରି ଗାଆଁର କୃଷକ ପୁଅ
ମନ୍ଦିର ବେଢାରୁ ଭାସି ଆସୁ ଥାଏ
ହରିନାମ କୃଷ୍ଣ ନାମର ସୁଅ ।

ସକାଳ ହୋଇଲେ ଆମରି ଗାଆଁରେ
ଭଳି ଭଳି ରୂପ ପସରା ବସେ
ଭାବେ ମୁଁ ତା' ଦେଖି ଆକାଶରୁ ସତେ
ଏଥିରେ ଦିଅଁ ଙ୍କ ଆଶିଷ ଖସେ ।


+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦


### ଆମ ଦେଶ ଶିଶୁ

**ପ୍ରଶାନ୍ତ କୁମାର ଦାଶ**

ଶିଶୁଟିଏ ହେଲେ ବଡ
ରଖେ ଦେଶ ଟେକ
ହସି ଖେଳି ପଢେ ପାଠ
ତାକୁ ଟିକେ ଦେଖ ।

ଫୁଲପରି ଫୁଟିବାକୁ
ସପନ ସେ ଦେଖେ
ଭଲକାମ କରି ଦିନେ
ନାଆଁ ତାର ରଖେ ।

ତା ହସ ବାସରେ କରେ
ସଭିଙ୍କୁ ନିଜର
ତା ଉପରେ ଲାଗିଯାଏ
ସଭିଙ୍କ ନଜର ।

ଖେଳନା କଣ୍ଢେଇ ତାର
ହାତେ ଦିଅ ଆଣି
ସୁନ୍ଦର ପୋଷାକ ଦିଅ
ତାର ମନଜାଣି ।

ତାର ମନଲାଖି ଚିଜ
ଖୋଇଦିଅ ତାକୁ
ଲୁହପୋଛି କୋଳେ ଧର
ଟିକେ ହସିବାକୁ ।

ଏ ଦେଶର ଅଗଣିତ
ପୁଅ ଝିଅ ଯେତେ
ଆକାଶରୁ ଖସିଯାଉ
ଜହ୍ନ ତାଙ୍କହାତେ ।

ମଣୁଥିଲେ ଚାଚା ଆମ
ଶିଶୁ ଏକ ଫୁଲ
ସବୁ ଶିଶୁ କଳିକାଙ୍କୁ
ପାଉଥିଲେ ଭଲ ।

ଆମଦେଶ ଶିଶୁ ହେଲେ
ରବି ତାରା ଶଶୀ
ସରଗରେ ଥାଇ ଚାଚା
ଦେଖି ହେବେ ଖୁସୀ ।


+କୁଞ୍ଜର ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

# ଆଇଏଫଏଫଆଇ ୨୦୨୪ରେ ଫିଲ୍ମ ବଜାର ପ୍ରଦର୍ଶନୀ କକ୍ଷରେ ୨୦୮ଟି ଫିଲ୍ମ ହେବ ପ୍ରଦର୍ଶିତ

ନୂଆଦିଲ୍ଲୀ, ୦୮/୧୧ (ନି.ପ୍ର): ୫୫ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ) ଚଳିତ ନଭେମ୍ବର ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ଏକ ଭବ୍ୟ ସାଂସ୍କୃତିକ ପରିବେଶ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି । ଏଥିସହିତ ଫିଲ୍ମ ବଜାରର ଅଷ୍ଟାଦଶ ସଂସ୍କରଣ ମଧ୍ୟ ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହା ଚଳଚ୍ଚିତ୍ର ନିର୍ମାତା ଓ ଏହି ଉଦ୍ୟୋଗର ପେସାଦାରମାନଙ୍କୁ ପରସ୍ପର ସହ ଯୋଡ଼ି ହେବା, ସହଭାଗିତା ସ୍ଥାପନ କରିବା ଏବଂ ନିଜ କାମ ପ୍ରଦର୍ଶନ କରିବା ଲାଗି ଏକ ଜୀବନ୍ତ ପରିବେଶ ଯୋଗାଇ ଦେବ ।

ଚଳିତ ବର୍ଷ ପୁନର୍ବାର ମାରିଅଟ୍ ରିସର୍ଟରେ ଭ୍ୟୁଇଂ ରୁମ୍ ବା ଚଳଚ୍ଚିତ୍ର ପ୍ରଦର୍ଶନ କକ୍ଷ ଆୟୋଜିତ ହେବାକୁ ଯାଉଛି ଏବଂ ଏଥିରେ ଭାରତ ଓ ଦକ୍ଷିଣ ଏସିଆର ଶ୍ରେଷ୍ଠ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ବିତରଣ ଏବଂ ପାଣ୍ଠି ସହଯୋଗ ଚାହୁଁଥିବା ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ରୂପେ ଡିଜାଇନ କରାଯାଇଥିବା ଭ୍ୟୁଇଂ ରୁମ୍ ରେ ସମ୍ପୂର୍ଣ୍ଣ ହୋଇଥିବା କିମ୍ବା ପୋଷ୍ଟ ପ୍ରଡକ୍ସନ୍ ସ୍ତରରେ ଥିବା ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଏହା ସେମାନଙ୍କୁ ବିଶ୍ୱ ଚଳଚ୍ଚିତ୍ର ପ୍ରୋଗ୍ରାମର୍, ବିତରକ, ସେଲ୍ସ ଏଜେଂଟ ଏବଂ ନିବେଶକଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ସୁଯୋଗ ଦେବ । ନଭେମ୍ବର ୨୧ରୁ ୨୪ ପର୍ଯ୍ୟନ୍ତ ଭ୍ୟୁଇଂ ରୁମ୍ ଅଂଶୀଦାରଙ୍କ ପାଇଁ ଉପଲବ୍ଧ ହେବ ।

ଭ୍ୟୁଇଂ ରୁମ୍ ଲାଇବ୍ରେରୀର ଚଳିତ ବର୍ଷର ସଂସ୍କରଣରେ ୨୦୮ଟି ଚଳଚ୍ଚିତ୍ର ଦେଖିବା ପାଇଁ ଉପଲବ୍ଧ ହେବ, ଯେଉଁଥିରୁ ୧୪୫ଟି ଫିଚର ଫିଲ୍ମ, ୨୩ଟି ମଧ୍ୟମ ସମୟ ଅବଧି ବିଶିଷ୍ଟ ଚଳଚ୍ଚିତ୍ର, ୩୦ଟି କ୍ଷୁଦ୍ର ଚଳଚ୍ଚିତ୍ର ରହିଛି । ଫିଚର ଏବଂ ମଧ୍ୟମ ସମୟ ଅବଧି ବିଶିଷ୍ଟ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ଏନଏଫଡିସି ପ୍ରଯୋଜନା ଏବଂ ସହ-ପ୍ରଯୋଜନାରେ ନିର୍ମିତ ୧୨ଟି ଚଳଚ୍ଚିତ୍ର ସାମିଲ ରହିଛି । ସେହିପରି ଏନଏଫଡିସି-ଏନଏଫଏଆଇରୁ ଆସିଥିବା ୧୦ଟି ଶ୍ରେଷ୍ଠ ଚଳଚ୍ଚିତ୍ରକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ୩୦-୭୦ ମିନିଟ୍ ମଧ୍ୟରେ ଚାଲୁଥିବା ଚଳଚ୍ଚିତ୍ରଗୁଡ଼ିକୁ ଭ୍ୟୁଇଂ ରୁମରେ ଦାଖଲ କରାଯାଏ, ଯାହାକୁ ମିଡ୍-ଲେଂଥ୍ ଫିଲ୍ମସ୍ ବା ମଧ୍ୟମ ସମୟ ଅବଧି ବିଶିଷ୍ଟ ଚଳଚ୍ଚିତ୍ର ନାମକ ଏକ ବର୍ଗରେ ପ୍ରଦର୍ଶିତ କରାଯାଏ । ଏହାବ୍ୟତୀତ ୩୦ ମିନିଟରୁ କମ୍ ଅବଧି ବିଶିଷ୍ଟ କ୍ଷୁଦ୍ର ଚଳଚ୍ଚିତ୍ର ବର୍ଗରେ ରହିବେ ।

ଫିଲ୍ମ ବଜାର ସୁପାରିସ (ଏଫବିଆର) ତାଲିକାରେ ୧୯ଟି ଫିଚର ଫିଲ୍ମ, ୩ଟି ମଧ୍ୟମ ସମୟ ଅବଧି ବିଶିଷ୍ଟ ଚଳଚ୍ଚିତ୍ର, ୨ଟି କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ୩ଟି ପୁନରୁଦ୍ଧାର ହୋଇଥିବା ଶ୍ରେଷ୍ଠ ଚଳଚ୍ଚିତ୍ରକୁ ମିଶାଇ ୨୭ଟି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି ।

ଏନ୍ଏଫଡିସିର ପରିଚାଳନା ନିର୍ଦ୍ଦେଶକ ପୃଥୁଲ କୁମାର କହନ୍ତି, ''ଚଳଚ୍ଚିତ୍ର ନିର୍ମାତାଙ୍କ ସୃଜନଶୀଳତା ଏବଂ ଉତ୍ସାହକୁ ସମ୍ମାନ ଦେଉଥିବା ଏଫବିଆର ପାଇଁ ଚଳଚ୍ଚିତ୍ର ତାଲିକା ଘୋଷଣା କରି ଆମେ ଆନନ୍ଦିତ । ଏହି ପଦକ୍ଷେପ କେବଳ ସ୍ୱୀକୃତି ପାଇଁ ନୁହେଁ; ଏହା କାହାଣୀକାରମାନଙ୍କୁ ସେମାନଙ୍କର ଦୃଷ୍ଟିକୋଣକୁ ବିଶ୍ୱ ସହିତ ବାଂଟିବା ପାଇଁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଚଳଚ୍ଚିତ୍ରର ପରିବର୍ତ୍ତନଶୀଳ ଶକ୍ତିରେ ବିଶ୍ୱାସ କରୁ ଏବଂ ପ୍ରେରଣା ଏବଂ ମନୋରଞ୍ଜନ ପାଇଁ ପ୍ରସ୍ତୁତ ହେଉଥିବା ପରବର୍ତ୍ତୀ ପିଢ଼ିର କଳାକାରମାନଙ୍କୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

ଫିଲ୍ମ ବଜାରରେ ଏକ ଖୋଲା ଉପସ୍ଥାପନ ଅଧିବେଶନରେ ଏଫବିଆର ପାଇଁ ମନୋନୀତ ପ୍ରକଳ୍ପଗୁଡ଼ିକ ସେମାନଙ୍କ ଚଳଚ୍ଚିତ୍ରଗୁଡ଼ିକୁ ପ୍ରଯୋଜକ, ସେଲ୍ସ ଏଜେଂଟ, ବିତରକ, ମହୋତ୍ସବ ପ୍ରୋଗ୍ରାମର ଏବଂ ସମ୍ଭାବ୍ୟ ନିବେଶକଙ୍କ ସମେତ ଶିଳ୍ପ ନେତୃବୃନ୍ଦଙ୍କ ନିକଟରେ ଉପସ୍ଥାପନ କରିବାର ସୁଯୋଗ ପାଇବେ ।

## ଜଙ୍ଗଲ ସୁରକ୍ଷା ଦାବିରେ ଆନ୍ଦୋଳନ ଓ ରାସ୍ତାରୋକ

ଭବାନୀପାଟଣା, ୦୮/୧୧ (ନି.ପ୍ର): ଜଙ୍ଗଲ ସୁରକ୍ଷା ଦାବିରେ ଆନ୍ଦୋଳନ ଓ ରାସ୍ତାରୋକ । କଳାହାଣ୍ଡି ଆମପାଣିରେ ଥିବା ସାହାଜଖାଲ ଜଙ୍ଗଲର ସୁରକ୍ଷା ଦାବି କରି କଳାହାଣ୍ଡି ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥକୁ ଆଜି ଅବରୋଧ କରିଛନ୍ତି ସାହାଜଖାଲ ବନ ସୁରକ୍ଷା ସମିତି ମହାସଂଘର କର୍ମକର୍ତ୍ତା । ଏଥିସହ ଆମପାଣି ଫରେଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ସାହାଜଖାଲ ବନ ସୁରକ୍ଷା ସମିତି ମହାସଂଘର କର୍ମକର୍ତ୍ତା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛି ବହୁ ସଂଖ୍ୟାରେ ଯାନବାହନ । ଭବାନୀପାଟଣା ଓ ଜୟପୁର ମଧ୍ୟରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ଠପ୍ ହୋଇଯାଇଛି । ଏହି ଜଙ୍ଗଲକୁ କାଟି ସଫା କରିବା ସହ ବାହାର ଜିଲ୍ଲାର ଲୋକ ଏଠାରେ ମକା ଚାଷ କରୁଥିବା ଅଭିଯୋଗ ହୋଇଛି । କିଛି ବର୍ଷ ହେବ ଏଠାରେ ଶହ ଶହ ଗଛ କଟାଯାଇଥିବା ଏବଂ ସ୍ଥାନୀୟ ବନ କର୍ମଚାରୀ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ ।

# କେବେ ସଜାଗ ହେବ ସ୍ୱାସ୍ଥ୍ୟ ବିଭାଗ ?: କାଳୀପୂଜା ମେଳାରେ ବିକ୍ରି ହେଉଛି ବାସି ଓ ରଙ୍ଗ ଦିଆ ଖାଦ୍ୟ

ଯୋଡ଼ା, ୦୮/୧୧ (ନି.ପ୍ର): ବାରମ୍ବାର ଖବର ପ୍ରକାଶନ ପରେ ମଧ୍ୟ ନିଘୋଡ଼ ନିଦ୍ରାରୁ ଉଠୁ ନାହିଁ ସ୍ୱାସ୍ଥ୍ୟ ବିଭାଗ । ଯୋଡ଼ା ବ୍ଲକ ସୀମାନ୍ତ ବଲାଣି ଥାନା ଅଂଚଳରେ ଥିବା ବିଭିନ୍ନ ହୋଟେଲ ରେ ଅସ୍ୱାସ୍ଥ୍ୟକର ପରିବେଶରେ ବାସି ଓ କ୍ଷତିକାରକ ରଙ୍ଗ ଯୁକ୍ତ ଖାଦ୍ୟ ପଦାର୍ଥ ବିକ୍ରି ହେଉଥିବା ବେଳେ ଏଠାରେ ଆୟୋଜିତ ହେଉଥିବା କାଳୀପୂଜା ମେଳାରେ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନିୟମାବଳୀ କୁ ଖୋଲାଖୋଲି ଜଳାଞ୍ଜଳି ଦେଇ ବିଭିନ୍ନ ଖାଦ୍ୟ ପଦାର୍ଥ ଦୋକାନୀ ଲୋକଙ୍କୁ ବିଷ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏଠାରେ ଥିବା ପ୍ରାୟ ହୋଟେଲରେ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ(ଏଫ୍ଏସ୍ଏସ୍ଏଆଇ)ର ଲାଇସେନ୍ସ ନାହିଁ । ଅନେକ ହୋଟେଲରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଦିଆଯାଉଛି । ଅନେକସ୍ଥାନରେ ଦିନେ ରୋଷେଇ କରି ଉକ୍ତ ଖାଦ୍ୟକୁ ଶେଷ ନ ହେବା ଯାଏ ଏକାଧିକ ଦିନ ରଖି ବିକ୍ରି କରାଯାଉଛି । ସେହିପରି ଅନେକ ଫାଷ୍ଟଫୁଡ ଦୋକାନୀ ମଧ୍ୟ କ୍ଷତିରୁ ବଂଚିବାକୁ ଏହି ପ୍ରଣାଳୀ ଆପଣାଉଥିବା ପରିଲକ୍ଷିତ ହେଉଛି । ଫଳରେ ଏହାର ପ୍ରଭାବ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି । ଏହା ବ୍ୟତୀତ ଉକ୍ତ ଦୋକାନ ମାନଙ୍କରେ ଅପ୍ରାକୃତିକ ରଙ୍ଗ ଓ ଅପମିଶ୍ରିତ ସସ୍ ବହୁଳ ମାତ୍ରାରେ ବ୍ୟବହାର ହେଉଥିବା ଯୋଗୁଁ ଫାଷ୍ଟ ଫୁଡ଼ ପ୍ରିୟ ଛୋଟଛୋଟ ପିଲା ଠାରୁ ସାଧାରଣ ଲୋକ ଅଜାଣତରେ ଜହର ଖାଉଛନ୍ତି । ବାରମ୍ବାର ଖବର ପ୍ରକାଶନ ପରେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହା ବ୍ୟତୀତ କେତେକ ହୋଟେଲରେ ସୁସ୍ୱାଦୁ ଖାଦ୍ୟ ପାଇଁ ବ୍ୟାପକ ଭାବେ କେମିକାଲ ତଥା ରାସାୟନିକ ପଦାର୍ଥ ମିଶାଇ ଖାଦ୍ୟ ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଏହାକୁ ଯାଂଚ କରାଯାଉନାହିଁ । ଟଙ୍କା ଦେଇ ଲୋକେ ଖାଦ୍ୟ ନାମରେ ଜହର କିଣୁଥିବା ଅଭିଯୋଗ ହେଉଛି । ତେବେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ବିଭିନ୍ନ ହୋଟେଲ ମାଲିକ ଏପରି କାର୍ଯ୍ୟରୁ ନିବୃତ ହେଉନାହାନ୍ତି । ବଲାଣି ବ୍ୟତୀତ ବଡ଼ବିଲ, ଯୋଡ଼ା ଭଳି ସହରାଂଚଳ ସମେତ ବିଭିନ୍ନ ଗ୍ରାମାଂଚଳ ଓ ଜାତୀୟ ରାଜପଥ ୫୨୦ର ପାର୍ଶ୍ୱରେ ଥିବା ପ୍ରାୟ ସମସ୍ତ ହୋଟେଲ ରେ ଖାଦ୍ୟର ଗୁଣବତ୍ତା ଯାଂଚ କରିବାର ଆବଶ୍ୟକତା ରହିଛି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି ।

# ଅସ୍ତଗାମୀ ଓ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ଯୋଡାରେ ଛଟ୍ ପର୍ବ ପାଳିତ

ଯୋଡ଼ା, ୦୮/୧୧ (ନି.ପ୍ର): ଯୋଡା ପୌରାଂଚଳର ବିଭିନ୍ନ ସ୍ଥାନରେ ଛଟ ପର୍ବ ପାଳିତ ହୋଇଯାଇଛି । ଏହି ପର୍ବ କାର୍ତ୍ତିକ ମାସ ଶୁକ୍ଲ ପକ୍ଷ ଷଷ୍ଠୀ ଦିବସରେ ଉଦ୍ୟାପିତ ହୋଇଥାଏ । ଏହା ପୂର୍ବରୁ ୪ଦିନ ଧରି ଏହି ଉତ୍ସବ ପାଳିତ ହୋଇଥାଏ । ଏଥିରେ ନିର୍ଜଳା ଉପବାସ ରହି ପବିତ୍ର ସ୍ନାନ, ଦୀର୍ଘ ସମୟ ଧରି ଜଳ ମଧ୍ୟରେ ଠିଆ ହୋଇ ଶକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥାଏ । ଅସ୍ତଗାମୀ ଏବଂ ଉଦିତ ସୂର୍ଯ୍ୟଙ୍କୁ ଉପାସନା କରାଯିବା ସହିତ ପ୍ରକୃତି, ଜଳ, ବାୟୁ ଏବଂ ସେମାନଙ୍କ ଭଉଣୀ ଛଟ ମାତାଙ୍କୁ ଏଥିରେ ଅର୍ଘ୍ୟ ସମର୍ପଣ କରାଯାଇଥାଏ । ଏହି ପର୍ବ ସାଧାରଣତଃ ବିହାର, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଛତିଶଗଡ ପ୍ରଭୃତି ଅଂଚଳରେ ବିହାରୀ ସମ୍ପ୍ରଦାୟଙ୍କ ମଧ୍ୟରେ ଖୁବ୍ ଧୁମ୍ ଧାମରେ ପାଳନ କରାଯାଇଥାଏ । ଏହି ପର୍ବଟିକୁ ବିହାରୀ ସମ୍ପ୍ରଦାୟର ସବୁଠାରୁ ବଡ ପର୍ବ ଭାବେ ବିବେଚନା କରାଯାଏ । ଏଥିରେ ସେମାନଙ୍କ ସଂସ୍କୃତି, ଐତିହ୍ୟ, ପରମ୍ପରାର ବିଶେଷ ଝଲକ ଦେଖିବାକୁ ମିଳିଥାଏ । ଯୋଡା ସହରର ବିଭିନ୍ନ ସ୍ଥାନରେ ଏହି ବିହାରୀ ସମ୍ପ୍ରଦାୟର ମହିଳାମାନେ ବହୁ ସଂଖ୍ୟାରେ ମୁଣ୍ଡରେ ପୂଜା ସାମଗ୍ରୀ ବୋହି ଗୁରୁବାର ସନ୍ଧ୍ୟା ସୁନା ନଦୀରେ ଅସ୍ତଗାମି ସୂର୍ଯ୍ୟ ଏବଂ ଶୁକ୍ରବାର ସକାଳେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ସହ ବ୍ରତ ଉଦ୍ୟାପନ କରିଛନ୍ତି । ଏହି ବିହାରୀ ସମ୍ପ୍ରଦାୟଙ୍କ ସହିତ ଏବେ ଓଡିଆମାନେ ମଧ୍ୟ ଏହାକୁ ବଡ ଆଡମ୍ବର ସହକାରେ ପାଳନ କରୁଥିବା ଦେଖିବାକୁ ମିଳିଛି । ଯୋଡା ପୌରାଂଚଳର ପଶ୍ଚିମ ଯୋଡା, ଜିଓଲୋଜିକାଲ କ୍ୟାମ୍ପ ପାଖ ସୁନା ନଦୀ ତଟରେ ମହା ଜାକଜମକରେ ଏହି ଉତ୍ସବ ପାଳନ କରାଯାଇଛି । ବନାରଶ ଅସ୍ତି ଘାଟର ବ୍ରାହ୍ମଣମାନଙ୍କ ଦ୍ୱାରା ଗଙ୍ଗା ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଗୁରୁବାର ସନ୍ଧ୍ୟା କାର୍ଯ୍ୟକ୍ରମରେ ତେଲକୋଇର ବିଧାୟକ ଡା. ଫକୀର ମୋହନ ନାଏକ, ଯୋଡା ପୌରାଧକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଯୋଡା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ଜଣାପଡିଛି । ଗୁରୁବାର ସନ୍ଧ୍ୟା ୪ଟା ବେଳେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯିବା ସହ ଗଙ୍ଗା ଆଳତି ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ସକାଳ ୫ଟାରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ସହ ଗଙ୍ଗା ଆଳତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଯୋଡାସ୍ଥିତ ସ୍ୱର୍ଗଦ୍ୱାର ନିକଟ ସୁନା ନଦୀ, ସାଇ ମନ୍ଦିର ନିକଟ ମୂର୍ତ୍ତି ବିସର୍ଜନ ଘାଟରେ ଏହା ପାଳନ କରାଯାଉଥିବା ଦେଖିବାକୁ ମିଳିଛି । ମହିଳାମାନଙ୍କ ସହିତ ପୁରୁଷ ମାନେ ମଧ୍ୟ ବିଶେଷ ଭାବେ ସହଯୋଗ କରିଥିବା ଦେଖିବାକୁ ମିଳିଛି । ମହିଳାମାନେ ୪ଦିନ ବ୍ୟାପି ଏହାକୁ ନିଷ୍ଠାର ସହ ପାଳନ କରିଥିବା ବେଳେ ପରିବାର ଲୋକେ ନୂତନ ବସ୍ତ୍ର ପରିଧାନ କରି ପୂଜା ଅର୍ଚ୍ଚନାରେ ଭାଗ ନେବା ସହ ପ୍ରକୃତି ମାତାର ସାନିଧ ଉପଭୋଗ କରିଥିବା ଦେଖିବାକୁ ମିଳିଛି ।

## ଛଟପୂଜା କଲେ ବିହାରି ସମ୍ପ୍ରଦାୟ

ଜୟପୁର, ୦୮/୧୧ (ନି.ପ୍ର): ଜୟପୁର ଖଜୁରି ବନ୍ଧ ପୋଖରିରେ ଆଜି ସଂନ୍ଧ୍ୟାରେ ଛଟ ପୂଜା କରିଛନ୍ତି । ବିହାର ସମେତ ଅନ୍ୟ ରାଜ୍ୟରୁ ଆସି ଏଠାରେ ବସବାସ କରୁଥିବା ପରିବାର ନିଷ୍ଠାର ସହ ଛଟ ପୂଜା କରିଛନ୍ତି । ସନ୍ଧ୍ୟାରେ ପରିବାର ସହ ଅସ୍ଥଗାମି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଛନ୍ତି । ପୋଖରି ତୁଠରେ ଭଜନ କିର୍ତନ କରିଛନ୍ତି । ସକାଳୁ ସୂର୍ଯ୍ୟ ଅର୍ଘ୍ୟ ଦେଇଛନ୍ତି । ମହିଳା ମାନେ ପରମ୍ପରା ଅନୁସାରେ ନୂଆ ଶାଢି ପିନ୍ଧି ପରିବାର ସହ ପୂଜା କରିଥିଲେ । ନିଜ ରାଜ୍ୟରେ ଧୁମ ଧାମରେ ଏହି ପବ ପାଳନ କରୁଥିବା ବେଳେ ଏଠାରେ ରହୁ ଥିବା ବିହାରି ସମ୍ପ୍ରଦାୟର ଲୋକେ ଆଜି ପର୍ବ ପାଳନ କରିଛନ୍ତି ।

# କୋଏଲ, ବ୍ରାହ୍ମଣୀ ନଦୀରେ ଅନେକ ଜୀବନ ଯାଉଛି, ସତର୍କ ସୂଚନା କଥା କହି ଦୀର୍ଘବର୍ଷ ହେଲା ନିରବ ରହୁଛି ପ୍ରଶାସନ, ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଲା

ରାଉରକେଲା, ୦୭/୧୧ (ନି.ପ୍ର): ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ଯାଗାରେ କୋଏଲ ଓ ବ୍ରାହ୍ମଣୀକୁ ଗାଧୋଇବାକୁ ଯାଇ ବୁଡି ମୃତ୍ୟୁ ବରଣ କରିବା ମାମଲାରେ ଖୁବ ଶିଘ୍ର ସତର୍କ ସୂଚନା ଲଗାଜିବ ବୋଲି କହି ଦୀର୍ଘ ବର୍ଷ ହେଲା ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ସିନା ସ୍ଥିତିରେ ସାମାନ୍ୟ ନମ୍ରତା ଆଣୁଛନ୍ତି, କିନ୍ତୁ ଦେଖାଯାଉଛି ପରେ ବାବୁ ମାନଙ୍କର ବଦଳି ହୋଇଯାଉଛି, ସତର୍କ ସୂଚନା କଥା କେବଳ କଥାରେ ରହିଯାଉଛି ପୁଣି ଅନେକ ଜୀବନ ଅକାରଣରେ ଚାଲିଯାଉଛି । ଦୁଇ ଦିନ ତଳେ କୋଏଲ ନଦୀର ଝିରିପାଣି ଅଂଚଳରେ ଗାଧେଇବା ବେଳେ ବୁଡିଯାଇ ନିଖୋଜ ହୋଇଥିବା ଛାତ୍ର ଜଣକର ମୃତ ଶରୀର ସେକ୍ଟର ୧୬ ଅଁଚଳରୁ ମିଳିଛି । ଏହା ପରେ ରଘୁନାଥପାଲ୍ଲୀ ବିଧାୟକଙ୍କ ଠାରୁ ଆରମ୍ଭ କରି ପଶ୍ଚିମାଂଚଳ ଡିଆଇଜି ଓ ଜିଲ୍ଲାପାଳ ସେହି ପୁରୁଣା କଥାକୁ ଦୋହରାଇଛନ୍ତି, କହିଛନ୍ତି ଏଭଳି ଘଟଣାକୁ ରୋକିବା ଲାଗି ନଦୀ ଅଁଚଳରେ ସତର୍କ ସୂଚନା ମାନ ଲେଖାଜିବ । ବାସ୍ କଥା ସରିଗଲା, ଏଭଳି ବୟାନ କେବଳ ଟିଭିର କ୍ୟାମେରାରେ ରହିଲା, ସରକାରୀ ଫାଇଲରେ ଏଭଳି ସତର୍କ ସୂଚନା କାମ କରିବାକୁ ନେଇ କୌଣସି ଫାଇଲ ଉଲ୍ଲେଖ ରହିବ କି ନାହିଁ ବୋଲି ତାହା ଆଗାମୀ ଦିନରେ ଜଣାପଡିବ । ତେବେ ଦୀର୍ଘ ଆଠ ବର୍ଷର ରେକର୍ଡକୁ ଯଦି ଦେଖାଯାଏ, ଅନେକ ସମୟରେ ପିକନିକ କରିବା ବେଳେ ନଦୀରେ ଗାଧୋଇବାକୁ ଯାଇ ବୁଡି ମରିବା ଠାରୁ ଆରମ୍ଭ କରି ଏନଆଇଟି, ବିଭିନ୍ନ କଲେଜ, ବିଦ୍ୟାଳୟର ଛାତ୍ର ମାନେ ଗାଧେଇବାକୁ ଯାଇ ଏହି ନଦୀର ବିଭିନ୍ନ ଯାଗାରେ ବୁଡି ମୃତ୍ୟୁବରଣ କରିଛନ୍ତି । ସେ ବେଦବ୍ୟାସ ଘାଟ ହେଉ କିମ୍ବା ପାନପୋଷ, ରାଜଗାଙ୍ଗପୁର, ଲହୁଣୀପଡା ଭିତରେ ବିଭିନ୍ନ ଯାଗାରେ ଅନେକ ଅଘଟଣର ରେକର୍ଡ ମିଳିବ । ସେ ସମୟରେ ଅନେକ ପରିବାର ଶୋକାକୁଳ ହୋଇ କେବଳ ସମୟକୁ ଦାୟୀ କରି ନିରବ ରହିଛନ୍ତି । ଏଭଳି ଘଟଣାକୁ ନେଇ ଯେତେବେଳେ ରାଜ୍ୟ ସରକାର ଚାପରେ ପଡନ୍ତି କିମ୍ବା ଜିଲ୍ଲାରେ ପ୍ରଶାସନକୁ ନେଇ ପ୍ରଶ୍ନ ଉଠେ ସେତେବେଳେ ଏହିଭଳି ସମାନ ମନ୍ତବ୍ୟ ବିଭିନ୍ନ ଅଧିକାରୀ ମାନେ ଦିଅନ୍ତି । ଅତୀତର ଇତିହାସ କୁହେ ଠିକ ଏହିଭଳି ଝିରିପାଣି ଅଁଚଳରେ ଏକ ଅଘଟଣ ଘଟିଥିଲା । ଏନଆଇଟି ଛାତ୍ର ମାନେ ଗାଧୋଇବାକୁ ଯାଇ ୩ ଜଣ ବୁଡି ମରିଥିଲେ, ସେତେବେଳେ ମଧ୍ୟ ଏହି ମନ୍ତବ୍ୟ ଆସିଥିଲା, ରାଉରକେଲାର ଉପଜଲ୍ଲାପାଳ ଅଫିସ କହିଥିଲେ ଏହିଭଳି ସତର୍କ ସୂଚନା ବୋର୍ଡ ମାନ ନଦୀର ଏଭଳି ଯାଗାରେ ଲଗାଜିବ । ଏଥିରେ ଆରଏସପି ସହଯୋଗ କରିବ ବୋଲି କହିଥିଲା ସେ କଥା ପୂର୍ବତନ ବିଧାୟକ ରଘୁନାଥପାଲ୍ଲୀ ସୁବ୍ରତ ତରାଇ ଜାଣିଥିବେ । କିନ୍ତୁ ଆଜିଯାଏ କିଛି ହେଲାନି ପୁଣି ଗୋଟାଏ ପରେ ଗୋଟାଏ ଜୀବନ ଚାଲିଯାଉଛି । ତେବେ ଦେଖାଯାଉ ଚଳିତ ପିକନିକ ସିଜିନ ଆରମ୍ଭ ହେବାକୁ ଯାଉଛି ପୁଣି ସେମିତି ଅଘଟଣ ନଘଟିବ ତାହା କିଏ କହିବ ।

# ସମୁଦ୍ର କୂଳେ ଧାଡିକି ଧାଡି କଂକ୍ରିଟ ପିଲର ନିର୍ମାଣ

ପୁରୀ, ୦୮/୧୧ (ନି.ପ୍ର): ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀ । ସ୍ୱର୍ଣ୍ଣାଭ ବେଳାଭୂମି ପର୍ଯ୍ୟଟକଙ୍କ ଭୂସ୍ୱର୍ଗ ପାଲଟିଛି । ଏବେ ବଳିଆପଣ୍ଡା କାମେଲିଆ ହୋଟେଲ ଠାରୁ ସୁଭ ପ୍ୟାଲେସ ସମ୍ମୁଖ ସମୁଦ୍ରକୂଳରେ ନିର୍ମାଣ ହେଉଛି ୬୦ରୁ ଉର୍ଦ୍ଧ୍ୱ କୋଠାଘର । ତରବରିଆ ଭାବେ ବିଚ ରେ ପାଇଲିଙ୍ଗ କରି ଲୁହା ଛଡ ଗୋଡି ସିମେଂଟ କଂକ୍ରିଟ ନିର୍ମାଣ କରି ରାତାରାତି ଶହ ଶହ ପିଲର ନିର୍ମାଣ ହେଉଛି । ଧର୍ମକୁ ଆଖିଠାର ପରି ସମିତି ଜରିଆରେ ଏହି କୋଠାଘର ନିର୍ମାଣ ହେଉଛି । ସାପ କୋଠୀ ମତ୍ସ୍ୟ ଅବତରଣ କେନ୍ଦ୍ର ନାମକରଣ କରାଯାଇଛି । ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଏହାକୁ ଅନୁମତି ଦେଇଛି । ମାଛ ଧରିବା ଡଙ୍ଗା, ଜାଲ ଓ ମାଛ ରଖିବା ପାଇଁ ଏହି ଘର ନିର୍ମାଣ କରାଯାଉଥିବା ଏକ ଫ୍ଲେକ୍ସ ବ୍ୟାନର ଲଗାଯାଇଛି । ତିନୋଟି ମତ୍ସ୍ୟଜୀବୀ ସମିତି ଏହି କାର୍ଯ୍ୟକୁ ସହଯୋଗ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପୁରୀ ସମୁଦ୍ରକୂଳରେ ଉଚ୍ଚତମ ଢେଉ ପିଟି ହେଉଛି । ବାତ୍ୟା, ସୁନାମି ଅଂଚଳ ଭାବେ ପୁରୀ ସମୁଦ୍ର ରହିଛି । କୋଠା ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୁହାରଡ ବ୍ୟବହାର ହେଉଥିବାରୁ ଏହା ଖୁବ କମ ବର୍ଷ ଭିତରେ ସମୁଦ୍ର ଲୁଣି ପବନ ଯୋଗୁ ଛଡ କଳଙ୍କି ଲାଗିବା ସହ ପିଲରକୁ ଫଟାଇବା ସମ୍ଭାବନା ରହିଛି । କମ ଉଚ୍ଚତାରେ ଘରର ପ୍ଲେସମେଂଟ ନିର୍ମାଣ କରାଯାଇ ଘର ଭିତର ଓ ବାହାର ବାଲିରେ ପୋତି ଦିଆଯାଉଛି । ସମୁଦ୍ରକୂଳେ ଲୁହାରଡ ଗୋଡି ସିମେଣ୍ଟ ବ୍ୟବହାର ହୋଇ ସ୍ଥାୟୀ ନିର୍ମାଣ କରାଯାଉଥିଲେ ମଧ୍ୟ କଥାକଥିତ ଆତ୍ମଘୋଷିତ ପରିବେଶବିତ ଚୁପ ରହିବା ନେଇ ସାଧାରଣ ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ସମୁଦ୍ରକୂଳେ ଉଠାଦୋକାନୀ ମାନଙ୍କୁ ଉଠି ଯିବା ପାଇଁ ପୌରସଂସ୍ଥା ନୋଟିସ ଦେଇଛି । ଏହି କୋଠାଘର ଯୋଗୁ ରାସ୍ତାରେ ଚାଲିକରି ଯାଉଥିବା ଓ ବାଇକରେ ଯାଉଥିବା ପର୍ଯ୍ୟଟକ ସମୁଦ୍ର ଦର୍ଶନରୁ ବଂଚିତ ହେବେ । ଜାଲ ଡଙ୍ଗା ଓ ମାଛ ଗଦା ହେବା ଫଳରେ ସେହି ଗନ୍ଧରେ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରିବେ । କିଛି ବର୍ଷ ତଳେ ପୁରୀ ହୋଟେଲ ସମ୍ମୁଖରେ ଥିବା କଫି ସେଣ୍ଟର ନିର୍ମାଣ ଗୃହ, ବେଳାଭୂମି ମହୋତ୍ସବ ମଣ୍ଡପ ଓ ଅନ୍ୟ ଏକ ମଣ୍ଡପକୁ କେତେକ ପରିବେଶବିତ ବିରୋଧ କରି ଭାଙ୍ଗି ଦେଇଥିଲେ । ଏହି ଗୃହ ନିର୍ମାଣ ଯୋଗୁ ସମୁଦ୍ରକୂଳ ପାଚେରୀକୁ ଲାଗି ନିର୍ମିତ ଚଲାପଥ ଅବରୋଧ କରୁଛି । ସମୁଦ୍ରକୂଳ ସୌନ୍ଦର୍ଯ୍ୟକରଣ ନାମରେ ଏହି କଦର୍ଯ୍ୟକରଣ ନିର୍ମାଣକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି । ଡଙ୍ଗା ଜାଲ ନାମରେ ନିର୍ମାଣ ହୋଇଥିଲେ ମଧ୍ୟ ଆଗକୁ ଏଠାରେ ଦୋକାନ ହେବା ପାଇଁ ଯୋଜନା ଚାଲିଛି ବୋଲି ସ୍ଥାନୀୟ ଅଂଚଳବାସୀ କହୁଛନ୍ତି । ଗୋଡି ବଳା ମେସିନ ଓ ଜେସିବି ମେସିନ ବ୍ୟବହୃତ ହୋଇ ବାଲିକୁ ନଷ୍ଟ କରି ଦିଆଯାଉଛି । ଅନ୍ୟପକ୍ଷରେ ସମୁଦ୍ରକୂଳେ ନିର୍ମିତ ସି ଫେସିଙ୍ଗ ହୋଟେଲ ଗୁଡିକ ପର୍ଯ୍ୟଟକଙ୍କ ପାଇଁ ଦୃଶ୍ୟମାନ ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି କରିବ । ଗୋଡି ଛଡ ଓ ଗୁଣ୍ଡ ଇଟା ଯୋଗୁ ସେହି ଅଂଚଳ ଅପରିଷ୍କାର ହୋଇ ଉଠିଲାଣି । ତୁରନ୍ତ ଏହି ନିର୍ମାଣକୁ ବନ୍ଦ କରିବା ପାଇଁ ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୌରସଂସ୍ଥା ,ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ, ପ୍ରଦୂଷଣ ନିରାକରଣ ବୋର୍ଡ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ୨୦ ବର୍ଷ ଧରି ଅବହେଳିତ ହୋଇପଡିଛି ରାଉରକେଲା ଆରଡିଏ ଅଫିସ, ସରକାର ଏବେ ବି ନିରବ: ମୌକାର ଫାଇଦା ନେଲା ଠିକା ସଂସ୍ଥା

ରାଉରକେଲା, ୦୮/୧୧ (ନି.ପ୍ର): ରାଉରକେଲା ସହରରେ ଏକଦା ଆରଆରଆଇଟିରୁ ଆରଡିଏ ଅଫିସ ହୋଇ ସହର ବାସୀଙ୍କୁ ଘର, ଯାଗା, ଦୋକାନ ଘର ଆଦି ଯୋଗାଇ ବହୁ ପରିଚୟ ସୃଷ୍ଟି କରିଥିବା ରାଉରକେଲା ଡେଭଲପମେଂଟ ଅଥରିଟି ଦୀର୍ଘ ୨୦ ବର୍ଷ ଧରି ଅବହେଳିତ ହୋଇ ପଡିରହିଥିବା ବେଳେ ଏହାର କର୍ମଚାରୀ ସଂଖ୍ୟା ଦିନକୁ ଦିନ କମୁଛି ଓ ଲୋକଙ୍କ ଲାଗି ବାସଗୃହ, ଯାଗା ଓ ଦୋକାନ ଘରଟିଏ କରିବା ଏହି ଅଫିସ ଲାଗି ଦିବା ସ୍ୱପ୍ନ ହୋଇଛି କାରଣ ଏହାର ମୁଖିଆ ଟିଏ ନାହିଁ ଯଦିଓ ସରକାର ଜଣଙ୍କୁ ନିକଟରେ ନିଯୁକ୍ତ କରିଛନ୍ତି ସେ ଏଠାକୁ ଆସି ପାରୁନାହାନ୍ତି । ସେପଟେ ଏକଦା ଏହାର ଚେୟାରମ୍ୟାନ ପଦ ପାଇ ପରେ ବିଧାୟକ ହୋଇଥିବା ବାବୁଙ୍କ ଦୟାରେ ଏକ ବାହାର ଠିକା ସଂସ୍ଥାକୁ ଛେଣ୍ଡ ଅଁଚଳରେ ପ୍ରାୟ ୪୦ କୋଟି ଟଙ୍କାର ଯାଗା ଦେଇଦେବାରେ ସହଯୋଗ କରିବା କଥା ଏବେ ଆଲୋଚ୍ୟର ବିଷୟ ହୋଇଛି । ଏକଦା ଏହି ଅଫିସ ଲାଗି ରାଉରକେଲାର ଛେଣ୍ଡ କଲୋନୀ ଠାରୁ ଆରମ୍ଭ କରି ଅନେକ କଲୋନୀ, ଦୋକାନ ଗୃହ ଆଦି ତିଆରି ହୋଇ ସହରବାସୀଙ୍କ ଲାଗି ଆର୍ଶିବାଦ ସ୍ୱରୂପ ହୋଇଥିଲା । ସେ ସମୟରେ ବିଜୁ ବାବୁଙ୍କ ସରକାର ଥିଲା ଓ ବିଧାୟକ ଥିଲେ ଦିଲୀପ ରାୟ । ସେତେବେଳେ ଏ ଅଫିସରେ ଗହଳି ଅସମ୍ଭବ ଭାବେ ରହିବା ସହ ଠିକାଦାର ଯନ୍ତ୍ରୀ ଓ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ଅନେକ ଥିଲା ।ସେତେବେଳେ କର୍ମଚାରୀ ୧୦୦ ଥିବାବେଳେ ବର୍ତ୍ତମାନ ତାହା ୨୦ରେ ପହଁଚିଲାଣି, ଇଁଜିନିୟର ୧୫ ଥିବା ବେଳେ ବର୍ତ୍ତମାନ ଜଣେ । ବର୍ତ୍ତମାନ ଏହାର ଅନେକ କାମକୁ ସରକାର ମହାନଗର ନିଗମକୁ ଦେଇ ଦେଇଥିବା ବେଳେ କେବଳ ଘରଗୁଡିକୁ ମଧ୍ୟ ହାତକୁ ନେଲାଣି କେବଳ ୧୬୧୦ଟି ଦୋକାନ ଗୃହ ଭଡା ଓ ଘର କିଣାବିକା କାମକୁ ନେଇ ଏ ଅଫିସ ବର୍ତ୍ତମାନ ବଂଚିଛି । ରାଉରକେଲାରେ ଏହି ସଂସ୍ଥାର ଅନେକ ମୂଲ୍ୟବାନ ଜମି ଜବରଦଖଲକାରୀ ମାନଙ୍କ ହାତକୁ ଚାଲିଯାଇଥିବା ବେଳେ ସହରରେ ସରକାରୀ ଜମି ଜବରଦଖଲ ଏଭଳି ବଢିଛି ଯେ, ସେଗୁଡିକ ଖାଲିକରି ଲୋକଙ୍କୁ ଯାଗା, ଘର ଖଣ୍ଡେ ଯୋଗାଇବା ଏହି ସଂସ୍ଥା ଦ୍ୱାରା ସମ୍ଭବ ହେଉନାହିଁ । ୨୦୦୪ ରେ ଭିକେ ପାଣ୍ଡିଆନ ଏଠାରେ ଏଡିଏମ ଥିବା ବେଳେ ଏହି ସଂସ୍ଥା ପ୍ରତି ସେ ଟିକେ ଦୃଷ୍ଟି ଦେଇଥିଲେ, ତା ପରେ ୨୦ ବର୍ଷ ହେଲା ଅବହେଳିତ ହୋଇ ଏହା ପଡିରହିଛି । ମଝିରେ ବର୍ତ୍ତମାନର ରାଉରକେଲା ବିଧାୟକ ଏଠାରେ ସରକାରଙ୍କ ଦ୍ୱାରା ଚେୟାରମ୍ୟାନ ପଦରେ ବସିଥିଲେ, ସେତେବେଳେ ସେ କହିଥିଲେ ରାଉରକେଲା ବାସୀଙ୍କୁ ୨୫ ହଜାର ବାସଗୃହ ଦେବି, ହେଲେ ଏହା ଭିତରେ ସେ ଦୁଇ ଥର ବିଧାୟକ ହେଲେଣି କିନ୍ତୁ ଖଣ୍ଡିଏ ହେଲେ ଘର ଦେଇପାରିଲେନି ବରଂ ହକି ପଡିଆ ପାଖରେ ଥିବା ମୂଲ୍ୟବାନ ୫ ଏକର ଜମିରୁ ୨ ଏକର ଜମିକୁ ସେଠାରେ ବସ୍ତିବାସୀଙ୍କ ଲାଗି ଫ୍ଲାଟ ତିଆରି କରିଥିବା ଠିକା ସଂସ୍ଥାକୁ ମାଗଣାରେ ଦେଇଦେଲେ । ସେଥିରେ ସେ ବ୍ୟବସାୟୀକ ଭିତିରେ ଘର କରି ବିକିବା ଲାଗି ବହୁତଳ କୋଠା ଘର ତିଆରି ଚଳାଇଛି ଯେଉଁ ଯାଗାର ମୂଲ୍ୟ ବର୍ତ୍ତମାନ ପ୍ରାୟ ୪୦ କୋଟି ହେବ ବୋଲି କୁହାଯାଉଛି । ବସ୍ତି ବାସୀଙ୍କ ଲାଗି ତିଆରିହୋଇଥିବା ଘର ସେମିତି ରହିଛି, ଏଥିରେ କାହାର ଫାଇଦା ହେଲା ତାହା ଏବେ ପ୍ରଶ୍ନ ହେଉଛି । ସାଧାରଣ ଲୋକଙ୍କୁ ସହରରେ ଘର ଖଣ୍ଡିଏ ଲାଗି ଲୋକେ ବିଶେଷ କରି ହାଉସିଂ ବୋର୍ଡ କିମ୍ବା ଆରଡିଏ ଉପରେ ନିର୍ଭର କରିଥାନ୍ତି ହେଲେ ଉଭୟ ଅଫିସ ବର୍ତ୍ତମାନ ଏକ ପ୍ରକାର ଥଣ୍ଡା ହୋଇ ପଡିଛି । ଫଳରେ ଯାଗା ମଫିଆ ଲାଠିକଟା, ବିଶ୍ରା, ଛେଣ୍ଡ, ପାନପୋଷ ଅଁଚଳରେ ଥିବା ସରକାରୀ ଜମିକୁ ବିଭିନ୍ନ ସଂସ୍ଥା ନାମରେ ଜବରଦଖଲ କରି ସେଥିରେ ଘରକରି ବିକି ଚାଲିଛନ୍ତି, ଅଥଚ ଲୋକଙ୍କୁ ଘର କିମ୍ବା ଯାଗା ଟିଏ ସରକାର ଦେଇପାରୁନି । ରାଜ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ, ସରକାରୀ ଜମି ଗୁଡିକୁ ଜବରଦଖଲ ମୁକ୍ତ କରାଜିବ ହେଲେ ଆଜିଯାଏ ତାଙ୍କ ଅଫିସର ବାବୁ ମାନେ ରାଉରକେଲାରେ ଇଁଚେ ହେଲେ ଜବରଦଖଲ ମୁକ୍ତ କରିପାରିଲେ ନାହିଁ ବରଂ ଖୋଦ ଉପଜିଲ୍ଲାପାଳଙ୍କ ଅଫିସ ପାଖରେ ସରକାରୀ ଘରଗୁଡିକ ଜବରଦଖଲ ହୋଇ ବେପାର ଚାଲିଛି । ଜବରଦଖଲ ସ୍ଥିତି ଏଭଳି ହୋଇଛି ଯେ ଛେଣ୍ଡ କଳିଙ୍ଗବିହାର ଅଁଚଳରେ ହୋଇଥିବା ତହସିଲ ଅଫିସ ଯାଗାକୁ ଜଣେ ଜବରଦଖଲକାରୀ ସ୍କୁଲ ନଥାଇ ସ୍କୁଲ ନାମରେ ଦଖଲ କରି ହାଇକୋର୍ଟ ଯାଇଥିବାରୁ ତହସିଲ ପାଚେରୀ ନିର୍ମାଣ ହୋଇପାରୁନାହିଁ । ସହରରେ ଏଭଳି ଜବରଦଖଲ ସାଙ୍ଗକୁ ପୂର୍ବ ସରକାର ସମୟରୁ ସରକାରୀ ନିଷ୍କ୍ରିୟତା ସଂପ୍ରତି ଆରଡିଏ ଅଫିସ ଲାଗି କାଳ ସଦୃଶ ହୋଇଥିବା କୁହାଯାଉଛି । ରାଉରକେଲା ଏଡିଏମ ଏସବୁ କାମକୁ ଦେଖିବାକୁ ସମୟ ପାଉନଥିବାରୁ ନିକଟରେ ଜଣେ ସଚିବଙ୍କୁ ସରକାର ଏଠି ନିଯୁକ୍ତି ଦେଇଥିବା ବେଳେ ସେ ମଧ୍ୟ ଏଯାଏ ଏଠାକୁ ଆସିନାହାନ୍ତି । ତାଙ୍କୁ ଏଠାରେ ଯୋଗଦାନ ନକରିବାକୁ ଆରଡିଏ ର କିଛି ନମ୍ବର ୱାନ ଲୁଟେରା ପରାମର୍ଶ ଦେଇଛନ୍ତି ବୋଲି ଆଲୋଚନା ହେଉଛି ।

# ଚୋରୀ ମୋବାଇଲ ଜବତ: ଅଭିଯୋଗକାରୀଙ୍କୁ ହସ୍ତାନ୍ତର

ଯୋଡ଼ା, ୦୮/୧୧ (ନି.ପ୍ର): ବଲାଣି ଥାନା ପୁଲିସ ଏକ ଚୋରୀ ମୋବାଇଲ କୁ ଜବତ କରି ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଛି । ସୂଚନାନୁସାରେ ଏହି ଥାନା ଅନ୍ତର୍ଗତ ଲସର୍ଦା ଗ୍ରାମର ସ୍ୱର୍ଗତ ନରହରୀ ମହାକୁଡ଼ଙ୍କ ପୁଅ ମଦନ ମହାକୁଡ଼ ଜିତେନ୍ଦ୍ର ବାରିକଙ୍କ ବିରୁଦ୍ଧରେ ମୋବାଇଲ ଚୋରି କରିନେଇ ଅନ୍ୟତ୍ର କୌଣସି ସ୍ଥାନରେ ବିକ୍ରି କରିନେଇଥିବା ନେଇ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ସେ ଲିଖିତ ଅଭିଯୋଗ ରେ ଦର୍ଶାଇଥିଲେ ଯେ ଜିତେନ୍ଦ୍ର ବାରିକ କଥା ହେବାକୁ ତାଙ୍କ ଠାରୁ ମୋବାଇଲ ମାଗି ନେଇ ତାଙ୍କୁ ଉକ୍ତ ମୋବାଇଲ ଫେରସ୍ତ କରି ନଥିଲେ ଓ ପର ମୁହୂର୍ତ୍ତରେ ସେ କୌଣସି ମୋବାଇଲ ତାଙ୍କ ଠାରୁ ନେଇନଥିବା କହିଥିଲେ । ଏ ନେଇ ବଲାଣି ଥାନାରେ ମାମଲା ଦାୟର ହେବା ପରେ ବଲାଣି ପୁଲିସ ଏହାର ତଦନ୍ତ କରି ଏହି ଥାନା ଅନ୍ତର୍ଗତ କିରିବୁରୁ ହିଲଟପ୍ ରେ ରହୁଥିବା ରାଜା ବଳ ଚୋରୀ ମୋବାଇଲ କ୍ରୟ କରିଥିବା ନେଇ ସୂଚନା ପାଇଥିଲେ । ସୂଚନାକୁ ଆଧାର କରି ବଲାଣି ପୁଲିସ ତଦନ୍ତ କରି ଉକ୍ତ ଚୋରୀ ମୋବାଇଲକୁ ରାଜା ବଳ ଠାରୁ ଜବତ କରିବାରେ ସକ୍ଷମ ହୋଇଥିଲା । ଚୋରୀ ମୋବାଇଲର ସମସ୍ତ କାଗଜ ପତ୍ର ଯାଂଚ କରି ଅଭିଯୋଗକାରୀଙ୍କୁ ପୁଲିସ ହସ୍ତାନ୍ତର କରିଛି ।

# ସିପିଆଇର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

ଜୟପୁର, ୦୮/୧୧ (ନି.ପ୍ର): ମହାନ୍ ଅକ୍ଟୋବର ବିପ୍ଲବ ଦିବସ ବା ବିଶ୍ୱ ସମାଜବାଦ ପ୍ରତିଷ୍ଠା ଦିବସ ଅବସରରେ ଆଜି କୋରାପୁଟ ଜିଲ୍ଲା କମ୍ୟୁନିଷ୍ଟ ପାର୍ଟି ର ବିଭିନ୍ନ ଶାଖାରେ ପତାକା ଉତୋଳନ ଶାଖା ବୈଠକ ଓ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ପତାକା ଉତୋଳନ କରିଥିଲେ । ସେହିଭଳି ବାୟାଗୁଡା , ସୁଣ୍ଡିଗୁଡା, ବୈପାରିଗୁଡାର ମୁଦୁଲି ଗୁଡା ଶାଖା, କୋଟପାଡ଼ ର ଚାନ୍ଦଲି ଶାଖା , ଦଶମନ୍ତପୁର ଜୋନ୍ ର ବିଭିନ୍ନ ଶାଖା , ବୋରିଗୁମ୍ମା ର ମାଲଦା ଶାଖାରେ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଜିଲ୍ଲା ର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ କରିବା ପାଇଁ ସ୍ଥାନୀୟ ସମସ୍ୟା ଚିହ୍ନଟ କରାଯାଇଛି । ଜୟପୁର ଜଗନ୍ନାଥ ସାଗର, ନୀଳକଣ୍ଠ ସାଗର,ସେବା କାଗଜ କଳ ପୁନରୁଦ୍ଧାର ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ, ବେକାର ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନ କରାଯିବ । ଆସନ୍ତା ୧୬,୧୭ ଭୁବନେଶ୍ୱର ରାଜ୍ୟ ସାଂଗଠାନିକ ସମ୍ମିଳନୀ ରେ ଜିଲ୍ଲା ରୁ ସାତଜଣ ସଭ୍ୟ ଯୋଗଦେବାକୁ ସ୍ଥିର ହୋଇଛି ।

# ଓଡିଶା ଶିକ୍ଷା ଅମଲା ସଙ୍ଘ, ଭଦ୍ରକ ଶାଖା ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଭଦ୍ରକ, ୦୮/୧୧ (ନି.ପ୍ର): ଓଡିଶା ଶିକ୍ଷା ଅମଲା ସଙ୍ଘ, ଭଦ୍ରକ ଜିଲ୍ଲା ତରଫରୁ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଶିକ୍ଷା ଅଧିକାରୀ, ଭଦ୍ରକଙ୍କ ଜରିଆରେ ମାନନୀୟା ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଓଡିଶା ଶିକ୍ଷା ଅମଲା ସଙ୍ଘ, ଭଦ୍ରକ ଜିଲ୍ଲାର ଅଧକ୍ଷ ସମ୍ବିତ ରାଉତ, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମାନସ ରଞ୍ଜନ ବିଶ୍ୱାଳ, ସଭାପତି ଆଲୋକ ରଞ୍ଜନ ମୁଖାର୍ଜୀ, ଉପ-ସଭାପତି ଶୁଭ୍ରାଂଶୁ ଶେଖର ମାହନ୍ତ, ସମ୍ପାଦକ ଶ୍ରୀକାନ୍ତ କୁମାର ଦାଶ,ଯୁଗ୍ମ-ସମ୍ପାଦକ ସୂର୍ଯ୍ୟକାନ୍ତ ବେହେରା, ସଂଗଠନ-ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, କୋଷାଧକ୍ଷ ଚିନ୍ମୟ କୁମାର ସେନାପତି,ଗଣ -ମାଧମ ସମ୍ପାଦକ ଗଙ୍ଗାଧର ରାଉତ, ସଭ୍ୟ ଗୋବର୍ଦ୍ଧନ ବାରିକ,ମିର୍ଜା ଇମତିଆଜ୍ ବାଗ, ମାନସ କୁମାର ରାୟ, ବିଶ୍ୱଜିତ ରାଉତ,ସୀତାକାନ୍ତ ଗକ୍ଷହଣ,ସଂଗ୍ରାମ କେଶରୀ ଭାରତୀ ଉପସ୍ଥିତ ରହି ଓଡିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ ଜିଲ୍ଲା ଅମଲାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ୧୯୭୧ ମସିହାରୁ ଅଦ୍ୟାବଧି ଦୀର୍ଘ ୫୩ ବର୍ଷ ଧରି ୨ ପିଢ଼ିରେ କନିଷ୍ଠ ସହାୟକ ପ୍ରାୟ ୨୫/୩୦ ବର୍ଷ ଧରି ଚାକିରୀ କରି ଅବସର ନେଉଥିଲେ ମଧ ପଦନ୍ନୋତି ପାଇବାରୁ ବଞ୍ଚିତ ହେଉଥିବା କଥା ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୩ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପୁନଃ ଗଠନ ହୋଇଥିଲେ ମଧ ବରିଷ୍ଠ ସହାୟକ ତଥା ଉପବିଭାଗ ଅଧିକାରୀ ସଂଖ୍ୟାରେ କୌଣସି ବୃଦ୍ଧି କରା ନ ଯିବା ବିଷୟ ଦୃଷ୍ଟି ଆକର୍ଷଣ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ ଅମଲା ୧୯୭୧ ମସିହାରୁ ଆଜି ପର୍ଯ୍ୟନ୍ତ ଅବହେଳିତ ହୋଇ ଆସୁଥିବା କଥା ଉଲ୍ଲେଖ କରାଯାଇଥିଲା। ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଣୟ କୁମାର ନାୟକ ବର୍ଷ ବର୍ଷ ଧରି ଅବହେଳିତ ହୋଇ ରହିଥିବା ଅମଲାଙ୍କ ଦୁଃଖ ଉପଲବ୍ଧି କରିବା ସହ ମାନନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ସରକାରଙ୍କ ନିକଟରେ ଅମଲାଙ୍କ ଉପଯୁକ୍ତ ତଥା ଯୁକ୍ତିଯୁକ୍ତ ଦାବିସମୂହ ତର୍ଜମାପୂର୍ବକ ପଦନ୍ନୋତି ଓ ଅନ୍ୟାନ୍ୟ ସମସ୍ୟାଗୁଡିକର ଆଶୁ ସମାଧାନ ନିମନ୍ତେ ସୁପାରିଶ କରିବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ - ସୁରଭି



ବାଲେଶ୍ୱର, ୦୮/୧୧ (ନି.ପ୍ର): ଜିଲ୍ଲାସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ, ସୁରଭି - ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି ପୌରୋହିତ୍ୟ କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ସୋର ବିଧାୟକ ମାଧବଚନ୍ଦ୍ର ଧଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଓ ଜିଲ୍ଲାସ୍କୁଲର ପ୍ରଧାନଶିକ୍ଷକ ସୂର୍ଯ୍ୟଶିଖା ମହାନ୍ତି ବାରେଣ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ସାମ୍ପ୍ରତିକ ସମୟରେ ଭାରତବର୍ଷର ମୌଳିକ ଶିକ୍ଷାପଦ୍ଧତି ବିଲୁପ୍ତପ୍ରାୟ । ଶିକ୍ଷାର ମୂଳ ଉପାଦାନ ଶିକ୍ଷକ । ଶିକ୍ଷକ ଛାତ୍ରଛାତ୍ରୀଙ୍କ ମନରେ ଶ୍ରଦ୍ଧା ଜାତ କରନ୍ତି । ଶ୍ରଦ୍ଧାବାନ ଲଭତେ ଜ୍ଞାନମ୍ । ପ୍ରାକୃତିକ ସମସ୍ତ ବିଭବରେ ଭରପୂର ଆମ ଦେଶ, ଗୌରବମୟ ସଂସ୍କୃତି ଓ ମାତୃଭାଷା ପ୍ରତି ସ୍ୱାଭିମାନ ଜାଗ୍ରତ ହେବା ଆବଶ୍ୟକ । ପ୍ରେରଣାଦାୟୀ ଶିକ୍ଷକ, ପ୍ରେରଣାଦାୟୀ ପୁସ୍ତକ ପିଲାମାନଙ୍କର ଜନ୍ମଗତ ଅଧିକାର । ଜିଜ୍ଞାସା ପ୍ରଜ୍ଜ୍ୱଳିତ ହେଲେ ସେମାନେ ନୂତନ ଆବିଷ୍କାର ପ୍ରତି ଆଗ୍ରହୀ ହେବେ ବୋଲି ମୁଖ୍ୟଅତିଥି ଉଦବୋଧନ ଦେଇଥିଲେ । ଏହି ଉପଲକ୍ଷେ ଜିଲ୍ଲାର ୧୨ଟି ବ୍ଲକରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଆଗାମୀ ୧୨, ୧୩ ଓ ୧୪ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବାପାଇଁ ମନୋନୀତ ହୋଇଥିଲେ । ଉଦଯାପନ ଉତ୍ସବରେ ସିମୁଳିଆ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଓ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ଯୋଗ ଦେଇଥିଲେ।

# ବାପ ଘରକୁ ଆସି ଝିଅ ପୁଷ୍ପାଞ୍ଜଳି ନିଖୋଜ



ବାସୁଦେବପୁର, ୦୮/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ପୁଷ୍ପାଞ୍ଜଳି ଜେନା, ବୟସ ୨୦ ବର୍ଷ ବାପ ଘରକୁ ଆସି କୁଆଡେ ନିଖୋଜ ହୋଇ ଯାଇଛନ୍ତି ବୋଲି ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୁଷ୍ପାଞ୍ଜଳିଙ୍କ ବାପାଙ୍କ ନାମ ଅଭିମନ୍ୟୁ ଜେନା ଓ ତାଙ୍କ ସ୍ୱାମୀଙ୍କ ନାମ ପୁରସ୍ତମ ଧୋଲି । ପୁଷ୍ପାଞ୍ଜଳି ଙ୍କ ସ୍ୱାମୀ ପୁରସ୍ତମ ଧୋଲି ଅଭିଯୋଗ କରିଛନ୍ତି ଯେ ନଭେମ୍ବର ୭ ତାରିଖ ୨୦୨୪ ମସିହା ମୋ ସ୍ତ୍ରୀ ସନ୍ଧ୍ୟା ଛଅ ଟା ତିରିଶ ମିନିଟ୍ ସମୟରେ ମୋତେ ମୋବାଇଲ୍ ରିଚାର୍ଜ୍ କରିବା ପାଇଁ ବେତଡା ଛକ କୁ ପଠାଇଥିଲେ । ବେତଡା ରୁ ଫେରି ଘରେ ଦେଖେ ତ ମୋ ସ୍ତ୍ରୀ ଘରେ ନାହିଁ । ଘରେ ମୋ ଶାଶୁ ଶଶୁର ତଥା ଗ୍ରାମବାସୀ ଙ୍କୁ ପଚାରି ବୁଝିଲି ଯେ ମୋ ସ୍ତ୍ରୀ କୁଆଡେ ପଳାଇ ଯାଇଛି । ପୁଷ୍ପାଞ୍ଜଳି ଘରୁ ଗଲାବେଳେ ଖଇରିଆ ରଙ୍ଗର ଚୁଡ଼ି ଦାର ଓ ଧଳା ପଞ୍ଜାବୀ ପିନ୍ଧି ଥିଲା । ଗଲାବେଳେ ପୁଷ୍ପାଞ୍ଜଳି ବିଭିନ୍ନ ସୁନା ଗହଣା ଓ ନଗଦ ତିରିଶ ହଜାର ଟଙ୍କା କୁଆଡେ ନେଇ ପଳାଇ ଯାଇଛି । ତାର ଉଚ୍ଚତା ପାଞ୍ଚ ଫୁଟ୍ ଦୁଇ ଇଞ୍ଚ । ରୂପ ଗୌର ବର୍ଣ୍ଣ ଓ ଗୋଲ ମୁହଁ । ପୁଷ୍ପାଞ୍ଜଳି ବିବାହ କରିଛନ୍ତି ଝାଡ ଖଣ୍ଡ ରାଜ୍ୟର ପୂର୍ବ ସିଂଭୂମ ଜିଲ୍ଲାର ମାଲ କୁଣ୍ଡା ଗ୍ରାମର ପୁରସ୍ତମ ଧୋଲି ଙ୍କୁ । ପୁଷ୍ପାଞ୍ଜଳି ଓ ତାଙ୍କ ସ୍ୱାମୀ ଦୁଇ ଜଣ ତାମିଲ ନାଡୁ ରୁ ଶଶୁର ଘରକୁ ଆସି ଶାଶୁ ବୁଢୀମା ର ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ । ଏହି ଗରିବ ଦମ୍ପତ୍ତି ପରିବାରର ପୁଷ୍ପାଞ୍ଜଳି ନିଖୋଜ ହେବା ଘଟଣା ସଂମ୍ପର୍କରେ ଯଦି କୌଣସି ସହୃଦୟ ବ୍ୟକ୍ତି ଖବର ପାଆନ୍ତି ତେବେ ତୁରନ୍ତ ୯୩୬୦୬୭୬୩୮୧ ମୋବାଇଲ୍ ନମ୍ବର୍ ରେ ସୂଚନା ପ୍ରଦାନ କରିବା କୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

# ବସ୍ଷ୍ଟାଣ୍ଡ କାଳୀ ପୂଜା କମିଟି ପକ୍ଷରୁ କାଳୀ ପୂଜା

ବାସୁଦେବପୁର, ୦୮/୧୧ (ନି.ପ୍ର): ବାସୁଦେବପୁର ବାଲି ନଗର ଯାଦବ ପଡିଆ ନିକଟସ୍ତ ମାଆ ଦକ୍ଷିଣେଶ୍ୱରୀ ବସ୍ଷ୍ଟାଣ୍ଡ କାଳୀ ପୂଜା କମିଟି ପକ୍ଷରୁ କାଳୀ ପୂଜା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଭଦ୍ରକ ଜିଲ୍ଲା ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯାଜପୁର ସାଂସଦ ଶର୍ମିଷ୍ଠା ସେଠି, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଭାଗିରଥି ନାୟକ ପ୍ରମୁଖ ପୂଜା ମଣ୍ଡପ ବୁଲି ଥିଲେ ଓ ମାଆ ଙ୍କ ଆଶୀର୍ବାଦ ନେଇଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବାସୁଦେବପୁର ର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ମାନସ ସାହୁ, କାଳନ୍ଦୀ ସାହୁ, ଦୀନବନ୍ଧୁ ଦାସ, ଚିନ୍ମୟ ବାରିକ, ପୌର ପାଳିକା ଅଧକ୍ଷା ନିବେଦିତା ବେହେରା, ଅମରେନ୍ଦ୍ର ପଲେଇ, ଗୀତିକାର ଓ କବି ପୀତାମ୍ବର ମିଶ୍ର ଓ ବହୁ ଯୁବ ନେତା ଓ ନେତ୍ରୀ ପୂଜା ମଣ୍ଡପ ବୁଲି ଥିଲେ ଓ ମାଆ ଙ୍କ ଆଶୀର୍ବାଦ ନେଇଥିଲେ । ଏହି ଉତ୍ସବରେ ପୂଜା କମିଟି ସଭାପତି ଦେବ ସ୍ୱରୂପ ଧନି, ସମ୍ପାଦକ ଲମ୍ବୋଦର ପରିଡା, ସଦସ୍ୟ ମଦନ ମୋହନ ମହାକୁଡ଼, ସୁବାସ ଚନ୍ଦ୍ର ବାରିକ, ପ୍ରଶାନ୍ତ ମଲ୍ଲିକ, ବାବୁଲି ଜେନା, ବିଜୟ ଘଡ଼େଇ ପ୍ରମୁଖ ଯୋଗ ଦେଇ ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇ ଥିଲେ । ଦୀର୍ଘ ୨୮ ବର୍ଷ ଧରି ଏହି କମିଟି ପକ୍ଷରୁ କାଳୀ ପୂଜା ଚାଲିଛି । ତିନି ବର୍ଷ ଧରି ଏଠାରେ ମାଆଙ୍କର ପଥର ରେ ବିଗ୍ରହ ପ୍ରତିଷ୍ଠା ହୋଇ କାଳୀ ପୂଜା ଚାଲିଛି । ହଜାର ହଜାର ଜନ ସାଧାରଣ ଏହି ଓଡିଶା ପ୍ରସିଦ୍ଧ ବାସୁଦେବପୁର କାଳୀ ପୂଜା କୁ ଦେଖି ହସ ଖୁସି ଓ ଆନନ୍ଦ ଲାଭ କରୁଛନ୍ତି । ସମୁଦାୟ ବାସୁଦେବପୁର ସହର ରେ ଚାରୋଟି ପୂଜା କମିଟି ପକ୍ଷରୁ କାଳୀ ପୂଜା ଅନୁଷ୍ଠିତ ହେଉଛି । ଯାତ୍ରା ପାର୍ଟି ଯାତ୍ରା ଯାଜ୍ଞସେନୀ, ତୁଳସୀ ଗଣନାଟ୍ୟ, ରଙ୍ଗ ମହଲ ଓ କୋଣାର୍କ ଗଣନାଟ୍ୟ ଏହି ଚାରୋଟି ଯାତ୍ରା ପାର୍ଟି ବାସୁଦେବପୁର ରେ ଯାତ୍ରା ମଞ୍ଚସ୍ଥ କରିବେ ବୋଲି ସ୍ଥିର ହୋଇଛି ।

# ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ପକ୍ଷରୁ ୨୦୨୪ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ମାନଙ୍କୁ ସମ୍ବର୍ଦ୍ଧନା



ବସ୍ତା, ୮।୧୧(ନିପ୍ର) ବସ୍ତା ଥାନା ଷାଠିଏ ନମ୍ବର ଜାତୀୟ ରାଜ ପଥ କଟିପୋଲ ନିକଟ ବାସନ୍ତୀ ପ୍ଲାଜା ନିକଟରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ୩ଜଣ ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଦ୍ୱାରା ପୁରସ୍କୃତ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପ୍ରତିଭା ଧାରୀ ଉଦିୟମାନ ଯୁବ ପ୍ରତିଭାଙ୍କୁ ସୁରେନ୍ଦ୍ରନାଥ ସ୍ମୃତି କମିଟିର ସଭାପତି ସୁମନ୍ତକୁମାର ଜେନା ଙ୍କ ତତ୍ୱାବ ଧାନରେ ଅତିଥି ମାନଙ୍କ ଦ୍ୱାରା ଗୁରୁବାର ଅପରାହ୍ନରେ ଉତ୍ତରିୟ ଫୁଲତୋଡା ଜଗନ୍ନାଥ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଇ ସମ୍ବର୍ଦ୍ଧନାସଭାରେ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଂଞ୍ଚାଳକ ବିଜୟ ଜୀ ସଭାପତିତ୍ୱ କରିଥିଲେ। ବସ୍ତା ପ୍ରେସ କ୍ଲବର ସଭାପତି ବିଜୟକୁମାର ଭୂୟାଁ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ମୂଖ୍ୟ ଅତିଥି ବସ୍ତା ବିଧାୟୀକା ସୁବାସିନୀ ଜେନା, ମୂଖ୍ୟବକ୍ତା ଅଭୟ ଦାସ, ସମ୍ମାନୀତ ଅତିଥିକୁମୁଦ ରଞ୍ଜନ ଗିରି, ବିଜୟ ଦାସ ଅଧିକାରୀ, ସ୍ମୃତିକମିଟିର ପ୍ରତିଷ୍ଠାତା ବାସନ୍ତୀ ଦେବୀ, ସୁଲୋଚନା ଜେନା, ସତ୍ୟଭାମା ଜେନା, ଦେବସେନା ଜିଲ୍ଲା ସଭାପତି ଶଙ୍କର କୁମାର ଜେନା, ସମାଜସେବୀ ଦେବେନ୍ଦ୍ର ବେହେରା, ଶିକ୍ଷାବିତ ଦାସରଥି ରାଉତ, ସମାଜସେବୀ ଅମର କୁମାର ପାଳ ଯୋଗ ଦେଇଥିଲେ । ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତର ଅର୍ନ୍ତଯ୍ୟାମି ରାଉଳ ପ୍ରକୃତି ବନ୍ଧୁ ମାନପତ୍ର ପାଇଥିବା ବେଳେ ରଘୁନାଥପୁର ପଞ୍ଚାୟତ ବିବେକାନନ୍ଦ ୟୁଥ କ୍ଲବସଭାପତି ବେଲି ଗ୍ରାମର ସଞ୍ଜୟକୁମାର ପାତ୍ର ଙ୍କୁ ପ୍ରକୃତି ମିତ୍ର ଓ ସଦରବ୍ଲକ ମହକୁମା ସମୟଚକ୍ର ସମ୍ପାଦକ ସମାଜସେବୀ ସର୍ବେଶ୍ୱର ଜେନା ମଧ୍ୟ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।ଏହି ସମସ୍ତଙ୍କୁ ବସ୍ତା ବିଧାୟୀକା ସୁବାସିନୀ ଜେନା ସମ୍ବର୍ଦ୍ଧିତ କରିଥିଲେ ।ଏହିକାର୍ଯ୍ୟକ୍ରମରେ ସ୍ମୃତିକମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସମାଜସେବୀ ସୁମନ୍ତ ଜେନା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ଶେଷ କରିଥିଲେ ।






## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧୦ ହଜାର ମେଗାୱାଟ...

ଯୋଗୁ ରାଜ୍ୟରେ ବିଦ୍ୟୁତ ଚାହିଦା ଦ୍ରୁତଗତିରେ ବଢୁଛି । ଆସନ୍ତା ୫ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୯-୩୦ ମସିହା ବେଳକୁ ବିଦ୍ୟୁତ ଚାହିଦାକୁ ଦୃଷ୍ଟିରେ ରଖି ବିଦ୍ୟୁତ ଉତ୍ପାଦନ, ସରବରାହ ଓ ବିତରଣ ବ୍ୟବସ୍ଥାର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୯-୩୦ ମସିହା ବେଳକୁ ରାଜ୍ୟରେ ପିକ୍ ଡିମାଣ୍ଡ ପ୍ରାୟ ୧୦ହଜାର ମେଗାୱାଟ ରହିବ । ଏହି ଚାହିଦା ପୂରଣ କରିବାକୁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଆବଶ୍ୟକ । ଏଥିପାଇଁ ନୂଆ ପ୍ରାଇମେରୀ ସବଷ୍ଟେସନ, ନୂଆ ୩୩କେଭି ଓ ୧୧କେଭି ଲାଇନ୍ ଆଦି ଭିତ୍ତିଭୂମିର ବିକାଶ ଆବଶ୍ୟକ । ଏବେ କାର୍ଯ୍ୟକ୍ଷମ ଥିବା ୩୩/୧୧ କେଭି ଫିଡରଗୁଡ଼ିକୁ ସୁଦୃଢ଼ କରିବା ଓ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବଜେଟରେ ବିଦ୍ୟୁତ୍ କ୍ଷେତ୍ର ପାଇଁ ଆବଶ୍ୟକ ବ୍ୟୟବରାଦ କରି ରାଜ୍ୟକୁ ସର୍ବଦା ଶକ୍ତି କ୍ଷେତ୍ରରେ ବଳକା ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିଦ୍ୟୁତ ବିତରଣ ସମ୍ପର୍କିତ ସମସ୍ତ ଅଭିଯୋଗର ସମୟାନୁସାରେ ସମାଧାନ, ଅକ୍ଷୟଶକ୍ତିର ବିକାଶ ଓ ବ୍ୟବହାର ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟରୋଧୀ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ, ବିଦ୍ୟୁତ କ୍ଷେତ୍ରରେ ଦକ୍ଷ ଓ ଆବଶ୍ୟକୀୟ ମାନବସମ୍ବଳ ନିଯୁକ୍ତି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ବାତ୍ୟା 'ଦାନା' ମୁକାବିଲାରେ ନିୟୋଜିତ ବିଦ୍ୟୁତ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିଥିବାରୁ ସେମାନଙ୍କୁ ପ୍ରଂଶସା କରିଛନ୍ତି। ଏହି ବୈଠକରେ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା, ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଓ ସମସ୍ତ ବିତରଣୀ କମ୍ପାନୀର ସିଇଓମାନେ ଉପସ୍ଥିତ ଥିଲେ।

### ସୈତାନ୍ ବୟଫ୍ରେଣ୍ଡର ସାଂଘାତିକ...

ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ବୟଫ୍ରେଣ୍ଡ ସହ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ମାନଙ୍କ ମଧ୍ୟରେ ୩ ଜଣ ହେଉଛନ୍ତି ଝାଞ୍ଜିରିମଙ୍ଗଳା ଅଞ୍ଚଳର। ବାରଙ୍ଗ ଅଞ୍ଚଳର ଜଣେ କାଫେ ମାଲିକ, ଭଗବତପୁର ଅଞ୍ଚଳର ଅଭିଯୁକ୍ତ ସହ ଖୋର୍ଦ୍ଧା ନୟାଗଡ଼ ଅଞ୍ଚଳର ଜଣେ ଅଭିଯୁକ୍ତ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଦଶହରା ବେଳେ କଟକ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ ଛାତ୍ରୀ ଜଣକ ତାଙ୍କ ବୟଫ୍ରେଣ୍ଡ୍ ସହ ଜନ୍ମଦିନ ପାଳନ କରିଥିଲେ। ସେଠାରେ ଛାତ୍ରୀଙ୍କ ଅଜାଣତରେ ଆପତ୍ତିଜନକ ଭିଡ଼ିଓ ଉତ୍ତୋଳନ କରିଥିଲା ଅଭିଯୁକ୍ତ ବୟଫ୍ରେଣ୍ଡ୍। ଏଥିରେ ସହଯୋଗ କରିଥିଲେ କାଫେ ଚଳାଉଥିବା ଭରତପୁର ଅଞ୍ଚଳର ଯୁବକ। ଏହି ଭିଡିଓ ରଖି କାଫେ ମାଲିକ ଓ ବୟଫ୍ରେଣ୍ଡ ତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକିଥିଲେ। ଛାତ୍ରୀ ଜଣକ ସେଠାରେ ପହଞ୍ଚିବା ପରେ ତାଙ୍କୁ ଗଣଦୁଷ୍କର୍ମ କରିଥିବା ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ବାଦାମବାଡ଼ି ପୁଲିସ ବୟଫ୍ରେଣ୍ଡ ସହ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଏନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ୩ ଦିନ ହେଲା ରାଜ୍ୟର...

ଉଠାଇବା ପାଇଁ ଆସି ଫେରିଯାଉଛନ୍ତି। ତେବେ କେଉଁ କାରଣରୁ ୩ ଦିନ ଧରି ଟଙ୍କା ଡିପୋଜିଟ୍ ହୋଇପାରୁନି କି ଉଠାଇ ହେଇ ପାରୁନି ତା'ର ଉତ୍ତର କାହା ପାଖରେ ନାହିଁ। ସ୍ଥିତିରେ କେବେ ସୁଧାର ଆସିବ ତାହା ମଧ ଜଣାପଡୁନି। ଏ ସମ୍ପର୍କରେ ଉଚ୍ଚଗଏ ମଧ ମୁହଁ ଖୋଲୁନଥିବାରୁ ଘଟଣା ପଛର ରହସ୍ୟ ସାମ୍ନାକୁ ଆସିପାରୁନି।

### ବିଜେଡିର ପରାଜୟ...

ବଦଳରେ ତାଙ୍କ ପ୍ରତିନିଧି ଯୋଗ ଦେବା ଯୋଗୁ ଦଳର କିଛି କର୍ମୀ ଓ ବ୍ୟକ୍ତିତ୍ୱ ଅସନ୍ତୁଷ୍ଟ ହୋଇଥିଲେ। ତେଣୁ ଏହା ମଧ ଦଳର ପରାଜୟର ଆଉ ଏକ କାରଣ। ପରିଚାଳନାଗତ ତ୍ରୁଟି ଯୋଗୁ ଦଳ ହାରିଛି। ସେ କହିଛନ୍ତି, ବରିଷ୍ଠ ନେତାମାନଙ୍କୁ ଟିକେ ଉପେକ୍ଷା କରାଯାଇଥିଲା ବୋଲି ଆମେ ବିଶ୍ୱାସ କରୁଥିଲୁ। କିନ୍ତୁ ବାସ୍ତବରେ ସେମିତି କିଛି ହୋଇନାହିଁ। ଦଳ ଯେହେତୁ ଲଗାତାର ୨୫ ବର୍ଷ ଶାସନରେ ରହିସାରିଥିଲା, ତେଣୁ ଲୋକେ ମନ ପରିବର୍ତ୍ତନ କରିଥିଲେ। ସେମାନେ ନୂତନତ୍ୱ ଚାହୁଁଥିଲେ। ତେଣୁ ସେଥିପାଇଁ ମଧ ବିଜେଡିର କିଛି କ୍ଷତି ହୋଇଛି। ବରିଷ୍ଠ ନେତା ଦଳରେ ଅଛନ୍ତି। ଦଳର ପରାଜୟ ପରେ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। କିନ୍ତୁ ସେକଥା ବେଶୀ ଦିନ ରହିବ ନାହିଁ। ବରିଷ୍ଠ ନେତାମାନଙ୍କୁ ସ୍ୱତନ୍ତ୍ର ଭାବେ ଗୋଟିଏ କମିଟିରେ ରଖାଯାଇଛି ଓ ସେମାନେ ଦଳ କେମିତି ଆଗକୁ ଯିବ, ସେନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି। ବିଜେଡିରେ ଅନ୍ତଃକନ୍ଦଳ ନାହିଁ। ବିଜେଡି ସଂଗଠିତ ହୋଇ ରହିଛି ଓ ଆଗକୁ ମଧ ରହିବ। ଦଳ ଆଗାମୀ ନିର୍ବାଚନରେ ୧୨୦ରୁ ଅଧିକ ସିଟ୍ ଜିତି ପୁଣି ସରକାର କରିବ। ଦଳ ସକ୍ରିୟ ଅଛି। ଜନସାଧାରଣ ମଧ ଜାଣି ସାରିଲେଣି ଯେ ବିଜେପି ସରକାର ମିଥ୍ୟାବାଦୀ ସରକାର। ବିଜେପି ସରକାର ଆଦୌ ସତ୍ୟ କଥା କୁହନ୍ତି ନାହିଁ। ବିଜେପି ଯାହା କହେ, ତାକୁ କାର୍ଯ୍ୟରେ ପରିଣତ କରେ ନାହିଁ ବୋଲି କହିଛନ୍ତି ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା।

### ଶେଷ କାର୍ଯ୍ୟ ଦିବସରେ ...

ତାଙ୍କ ହାତ ଯୋଡିଥିଲେ। ତା'ପରେ ସେ ପକେଟରୁ ରୁମାଲ ବାହାର କରିଥିଲେ। ସେ ଆଖି ପୋଛିଥିଲେ ଏବଂ ପ୍ରୋଟୋକଲ ଅନୁଯାୟୀ ବିଚାରପତିଙ୍କ ସହିତ କୋର୍ଟ ରୁମ ଛାଡିଥିଲେ। ପ୍ରକାଶଥାଉକି ନଭେମ୍ବର ୮ରେ ଉଔଓ ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ଏହି ସମୟ ମଧ୍ୟରେ, ସେ ଶେଷ ୱାର୍କିଂ ଡେ'ରେ ୭ ଜଣିଆ ଖଣ୍ଡପୀଠରେ ସେ ଯୋଗ ଦେଇଥିଲେ। ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ସଂଖ୍ୟାଲଘୁ ମାନ୍ୟତା ଉପରେ ମଧ ତାଙ୍କ ରାୟ ଦେଇଥିଲେ। ଏଏମ୍ୟୁ ମାମଲାରେ କୋର୍ଟ ଏହାକୁ ସଂଖ୍ୟାଲଘୁ ମାନ୍ୟତା ପାଇବା ସପକ୍ଷରେ ଥିଲେ। ପ୍ରକାଶଥାଉକି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ଭାବରେ ନିଯୁକ୍ତ କରିଛନ୍ତି। ଜଷ୍ଟିସ୍ ଖାନ୍ନା ବର୍ତ୍ତମାନର ଉଔଓ ଉଣ ଉଷବଭୟକ୍ୱବମଷଙ୍କୟଙ୍କ ସ୍ଥାନ ନେବେ। ଡିଆୱାଇ ଚନ୍ଦ୍ରଚୁଡ ନଭେମ୍ବର ୧୦ରେ ୬୫ ବର୍ଷ ବୟସରେ ଅବସର ନେବେ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ୧୧ ନଭେମ୍ବର ୨୦୨୪ ରେ ଦାୟିତ୍ୱ ଗ୍ରହଣ କରିବେ। ବରିଷ୍ଠ ଆଡଭୋକେଟ କପିଲ ସିବଲ କହିଛନ୍ତି ଯେ ସୁପ୍ରିମକୋର୍ଟରେ ମୋର କାର୍ଯ୍ୟକାଳ ମଧ୍ୟରେ ମୁଁ ଆପଣଙ୍କ ପରି ଧୈର୍ଯ୍ୟବାନ ବିଚାରପତିଙ୍କୁ ଦେଖି ନାହିଁ। ଆଇନର ଯେକୌଣସି କ୍ଷେତ୍ରକୁ ଆପଣ ସ୍ପର୍ଶ କରିଛନ୍ତି। 'ଶବ୍ଦରେ ପ୍ରକାଶ କରିବା ବି ଏକ ଯନ୍ତ୍ରଣାଦାୟକ ବିଷୟ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି।

### ସୁଧୁରିଲେନି ଡାକ୍ତର ବାବୁ...

ତାଙ୍କ ନାଁ ବିଶ୍ୱଜିତ୍ ଭୂୟାଁ। ସେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ମେଡିକାଲ ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି। ଡାକ୍ତର ବିଶ୍ୱଜିତ ଭୂୟାଁଙ୍କ ସହିତ ଡାକ୍ତରଖାନାର ଫାର୍ମାସିଷ୍ଟ ଉତ୍ତମ ମହାଙ୍କୁଡ଼ ମଧ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ନର୍ସଙ୍କ ବକେୟା ଦରମା (୪.୫ ଲକ୍ଷ ଟଙ୍କାରୁ ଅଧିକ) କରାଇ ଦେବା ପାଇଁ ଡାକ୍ତର ଭୂୟାଁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଗତ ଜୁଲାଇ ୨୪ ତାରିଖରେ ଏହି ନର୍ସଙ୍କ ଚାକିରି ନିୟମିତ ହୋଇଥିଲା। ଏହା ପରେ ତାଙ୍କୁ ୨୦୨୨ ଜୁଲାଇ ମାସରୁ ସମସ୍ତ ବକେୟା ଦରମା ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ହେଲେ ଡାକ୍ତର ଭୂୟାଁ ତାଙ୍କର ବକେୟା ଦରମା କରାଇ ଦେବାକୁ ସେଥିରୁ ୧୦% ମାଗିଥିଲେ। ନର୍ସ ଜଣଙ୍କ ଏନେଇ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ପ୍ରକାର ଆଜି ସେ ଡାକ୍ତର ଭୂୟାଁ ଓ ଫାର୍ମାସିଷ୍ଟ ଉତ୍ତମ ମହାଙ୍କୁଡଙ୍କୁ ଲାଞ୍ଚ ଅର୍ଥ ଦେଇଥିଲେ। ଡାକ୍ତର ଭୂୟାଁ ଓ ଫାର୍ମାସିଷ୍ଟ ଉତ୍ତମ ମହାଙ୍କୁଡ଼ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ସେମାନଙ୍କୁ ଧରିଥିଲା। ଭିଜିଲାନ୍ସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି।

### ଭୁବନେଶ୍ୱରରେ ଲଭ୍ ଜିହାଦ୍: ଧରାପଡ଼ିଲେ...

ପୁରୀରେ ରୀମାଙ୍କୁ ଦେଖା କରିଥିଲେ। ହୋଟେଲ୍‌ରେ ଗୋଟିଏ ରୁମ୍‌ରେ ରହିଥିଲେ। ସେହି ସମୟରେ ସମୀରଙ୍କ ପ୍ରକୃତ ନାଁ ସମୀର ମାନସୁର ବୋଲି ରୀମା ଜାଣିବାକୁ ପାଇଥିଲେ। ସେ ଅନ୍ୟ ସମ୍ପ୍ରଦାୟର ବୋଲି ଜାଣିବାକୁ ପାଇଥିଲେ ରୀମା। ତେଣୁ ତାଙ୍କଠାରୁ ଦୂରେଇ ଯିବା ପାଇଁ ଚେଷ୍ଟା କରିଥିଲେ। ହେଲେ ସମୀର ତାଙ୍କୁ ହୋଟେଲ୍ ରୁମ୍‌ରୁ ଛାଡ଼ି ନଥିଲେ। ଅଭିଯୋଗ ଅନୁସାରେ ସମୀର କୁଆଡେ ବଳପୂର୍ବକ ରୀମାଙ୍କ ସହିତ ହୋଟେଲ୍ ରୁମ୍‌ରେ ଶାରୀରିକ ସମ୍ପର୍କ ରଖିଥିଲେ। ରୀମା ପ୍ରତିବାଦ କରିଥିଲେ। ବଡ଼ ପାଟିରେ ଚିତ୍କାର କରିବାକୁ ଚେଷ୍ଟା କରିଥିଲେ। ହେଲେ ରୀମାଙ୍କ ପାଟିକୁ ବନ୍ଦ କରି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ ସମୀର। ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଧର୍ମ ପରିବର୍ତ୍ତନ କରିବାକୁ ବାଧ କରିଥିଲେ। ମାତ୍ର ରୀମା ରାଜି ନହେବାରୁ ସମୀର ଅଭଦ୍ର ଭାଷାରେ ଗାଳି ଦେଇଥିଲେ। ନିଜ ବ୍ୟାଗରୁ ଛୁରୀ ବାହାର କରି ଭୟଭୀତ କରାଇଥିଲା। ଆଉ ଶୁଟିଂ କରିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ହେଲେ ରୀମା କୌଶଳ କରି ହୋଟେଲ୍ ପଳାଇ ଆସିଥିଲେ। ଘରକୁ ପଳାଇ ଯାଇଥିଲେ। ଲୋକ ଲଜ୍ଜା ଭୟରେ ରୀମା ଘଟଣା ସମ୍ପର୍କରେ କାହାକୁ କିଛି କହିନଥିଲେ। ଚୁପ୍ ଚାପ୍ ରହିଥିଲେ। ସେପଟେ କିନ୍ତୁ ପ୍ରତିଶୋଧ ପରାୟଣା ହୋଇପଡ଼ିଥିଲେ ସମୀର। ଅନ୍ୟପକ୍ଷରେ ସମୀରଙ୍କ ପ୍ରେମ ଜାଲରୁ ମୁକୁଳିବା ପାଇଁ ଜଣେ ଆଇନ୍‌ଜୀବୀଙ୍କ ସହଯୋଗ ଲୋଡିଥିଲେ ରୀମା। ଆଇନ୍‌ଜୀବୀଙ୍କ ପରାମର୍ଶରେ ପୀଡ଼ିତା ଏନେଇ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହିଳା ଥାନା ଅଧିକାରୀଙ୍କ ପରାମର୍ଶରେ କମିଶନରେଟ୍ ପୁଲିସ୍ ସମୀରଙ୍କୁ କଟକରେ ମାଡ଼ ବସିଛି। ପୁଲିସ୍ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ପୁଲିସ ନକ୍ସଲ ଗୁଳି ...

ବିଜାପୁର ଜିଲ୍ଲାର ଉସୁର-ବାସାଗୁଡା-ପାମେଡ ଅଂଚଳରେ ନକ୍ସଲ କ୍ୟାମ୍ପ କରି ରହିଥିବା ପୁଲିସକୁ ସୂଚନା ମିଳିଥିଲା। ତୁରନ୍ତ ଡିଆରଜି,ଏସଟିଏଫ,କୋବ୍ରା ଏବଂ ସିଆରପିଏଫ ବାଟାଲିୟନର ଯବାନ ଏହି ଅଂଚଳକୁ ସର୍ଚ୍ଚ ଅପରେସନରେ ବାହାରିଥିଲେ। ଆଜି ସକାଳ ୧୧ଟା ବେଳେ ନକ୍ସଲଙ୍କ ସହ ସାମ୍ନାସାମ୍ନି ହୋଇଥିଲା। ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ ପାଲଟା ଜବାବ ଦେଇଥିଲେ। ଦିନ ଚାରିଟା ପର୍ଯ୍ୟନ୍ତ ରହି ରହି ନକ୍ସଲ ତରଫରୁ ଗୁଳି ଚଳାଯାଉଥିଲା। ତେବେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଦୁଇ ଜଣ ନକ୍ସଲଙ୍କର ମୃତ ଦେହ ଠାବ କରିବା ସହ ମାଓ ସାମଗ୍ରୀ ଜବତ କରିଛି। ମୃତ ମାଓବାଦୀଙ୍କର ଚିହ୍ନଟ ହୋଇନଥିବା ପୁଲିସ କହିଛି।

ଶନିବାର, ୦୯ ନଭେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଏବିଭିପି ତରଫରୁ ଚଳିତ ଶିକ୍ଷାବର୍ଷ ନିମନ୍ତେ ନୂତନ କ୍ୟାମ୍ପସ ଶାଖା ଘୋଷଣା

ବାଲେଶ୍ୱର, ୦୮/୧୧ (ନି.ପ୍ର): ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ତରଫରୁ ଉଭୟ ଫକୀରମୋହନ କନିଷ୍ଠ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶାଳ କ୍ୟାମ୍ପସ ଶାଖା ଗଠନ କରାଯାଇଅଛି। ବିଗତ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହୁଥିବା ସତ୍ତ୍ୱେ ମଧ୍ୟ ପ୍ରତିବର୍ଷ ଏବିଭିପି ତରଫରୁ କ୍ୟାମ୍ପସ ଶାଖା ଘୋଷଣା କରାଯାଏ। ଠିକ୍ ସେହିପରି ଚଳିତବର୍ଷ ମଧ୍ୟ ନୂତନ କ୍ୟାମ୍ପସ ଶାଖା ଗଠନ କରାଯାଇ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାପତି ଭାବେ ସନ୍ତୋଷ ସେଠୀ ଓ ସମ୍ପାଦକ ଭାବେ ଶ୍ରୀୟା ପାଢୀ ଏବଂ କନିଷ୍ଠ ମହାବିଦ୍ୟାଳୟର ସଭାପତି ଭାବେ ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ସମ୍ପାଦକ ଭାବେ ଭବେଶ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି। ଏମାନଙ୍କ ବ୍ୟତୀତ ପାଖାପାଖି ୮୦ ଜଣ ଛାତ୍ରଛାତ୍ରୀଙ୍କୁ ଅନ୍ୟ ଦାୟିତ୍ୱ ଦିଆଯାଇଅଛି। ୨୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଛାତ୍ରଛାତ୍ରୀ ଏହି ସମୟରେ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଅଧିକାରୀ ସତ୍ୟମ ଦାସ, ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ନଗର ସହ ସମ୍ପାଦକ ଜୀତମ ଦାସ, ଭବେଶ ତରାଇ, ବିଭାଗ ସାମାଜିକ ଗଣମାଧ୍ୟମ ସଂଯୋଜକ ଜୀବନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାମ୍ପସ ଶାଖା ଘୋଷଣା ପରେ ନବ ନିର୍ବାଚିତ ପ୍ରତିନିଧିମାନେ ପ୍ରତ୍ୟେକ ଥର ଭଳି ପ୍ରତିଟି ଛାତ୍ରଛାତ୍ରୀଙ୍କ ସମସ୍ୟା ର ସମାଧାନ ଏବଂ କ୍ୟାମ୍ପସର ଉନ୍ନତି ପାଇଁ କାମ କରିବେ ବୋଲି ମତପ୍ରକାଶ କରିଛନ୍ତି। ସେହିପରି କେକେଏସ ମହିଳା ମହାବିଦ୍ୟାଳୟ, ବଳାଙ୍ଗୀ ମହାବିଦ୍ୟାଳୟ, ବାଲେଶ୍ୱର ମହିଳା ମହାବିଦ୍ୟାଳୟରେ ମଧ୍ୟ କ୍ୟାମ୍ପସ ଶାଖା ଘୋଷଣା କରାଯାଇଅଛି।



# ତେଜୁଛି ସାମ୍ବାଦିକ ଓ ଉପଜିଲ୍ଲାପାଳଙ୍କ ବିବାଦ: ଜିଲ୍ଲାପାଳଙ୍କ ଫେରାଦ ହେଲେ ସାମ୍ବାଦିକ

## ନ୍ୟାୟ ନମିଳିଲେ ରାଜରାସ୍ତାକୁ ଓହ୍ଲାଇବା ସହିତ ପିନ୍ଧିବେ କଳାବ୍ୟାଚ

ନୀଳଗିରି , ୦୮/୧୧ (ନି.ପ୍ର): ଗତ ଅକ୍ଟୋବର ୨୧ ତାରିଖରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଞ୍ଚଳିକ କମିଟି ତରଫରୁ ସ୍ଥାନୀୟ ରାସ୍ତା ସମସ୍ୟା ନେଇ ନୀଳଗିରି ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦେବା ପରେ ନୀଳଗିରିର କିଛି ଗଣମାଧ୍ୟମ ପ୍ରତିନିଧି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ପ୍ରତିକ୍ରିୟା ଆଣିବା ପାଇଁ ଯାଇଥିବା ବେଳେ ଉପଜିଲ୍ଲାପାଳ ମହୋଦୟା ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ସହ ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ।ଏହି ସମୟରେ କିଛି ବୈଦ୍ୟୁତିକ ଗଣମାଧ୍ୟମ ର ସାମ୍ବାଦିକ ଭିଡ଼ିଓ ଉତ୍ତୋଳନ କରୁଥିବାବେଳେ ନନ୍ଦିଘୋଷ ଟିଭିର ନୀଳଗିରି ପ୍ରତିନିଧି ସୁକାନ୍ତ ଦାସଙ୍କ ମୋବାଇଲ୍ ଛଡ଼ାଇନେଇଥିଲେ। ଏଥି ସହିତ ଭିଡ଼ିଓକୁ ଭାଇରାଲ କଲେ ସମସ୍ତଙ୍କ ନାମରେ ଏଭଳି ଦଫା ଲଗାଇବି ଯାହା ତୁମେ ସ୍ୱପ୍ନରେ ସୁଦ୍ଧା ଭାବିନଥିବ ବୋଲି ଧମକ ଦେଇଥିଲେ । ଉକ୍ତ ଘଟଣା ନୀଳଗିରି ଉପଖଣ୍ଡ ସମସ୍ତ ସାମ୍ବାଦିକ ମାନଙ୍କୁ ମର୍ମାହତ କରିଥିବା ବେଳେ ଏ ନେଇ ବାଲେଶ୍ୱର ଜିଲ୍ଲାପାଳ ସହିତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ଓଡ଼ିଶାଙ୍କୁ ଅବଗତ କରାଯାଇଥିଲା। ମାତ୍ର ୧୫ ଦିନରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ହେଁ ଉଚ୍ଚ କର୍ତୃପକ୍ଷ ଏହାର କୌଣସି ସମାଧାନର ପନ୍ଥା ବାହାର ନକରିବା ଫଳରେ ଆଜି ସାମ୍ବାଦିକମାନେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଭେଟି ପୁନର୍ବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ୧୫ ଦିନ ମଧ୍ୟରେ ସାମ୍ବାଦିକଙ୍କୁ ନ୍ୟାୟ ନମିଳେ ତେବେ ଉପଖଣ୍ଡ ସ୍ତରରେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରିବା, ସାମ୍ବାଦିକ ମାନେ ସରକାରୀ କାର୍ଯ୍ୟକ୍ରମ ରେ କଳାବ୍ୟାଚ ପରିଧାନ କରିବାକୁ ନିଷ୍ପତି ନିଆଯିବା ସହ ସ୍ଥାୟୀ ସମାଧାନ ନ କଲେ ଉପଖଣ୍ଡର ସମସ୍ତ ସାମ୍ବାଦିକ ଗଣତାନ୍ତ୍ରିକ ପଦ୍ଧତିରେ ନ୍ୟାୟ ପାଇଁ ଲଢେଇ କରିବେ ବୋଲି ଦାବୀପତ୍ରରେ ଉଲ୍ଲେଖ ରହିଛି। ଏହି ଦାବୀପତ୍ର ପ୍ରଦାନ ସମୟରେ ବରିଷ୍ଠ ସାମ୍ବାଦିକ ଲୋକନାଥ ଦଲେଇ, ପ୍ରଫୁଲ୍ଲ ମହାନ୍ତି, ବିଭୂତିଭୂଷଣ ବେହେରା, ରାମଚନ୍ଦ୍ର ମହଲ, ଜଗନ୍ନାଥ ପାତ୍ର, ଖଗେନ୍ଦ୍ର ପ୍ରମାଣିକ, ଶରତ ଦାସ, ପାର୍ଥ ସାରଥିଦାସ ବାବୁ, ସୁକାନ୍ତ ଦାସଙ୍କ ସମେତ ପ୍ରଶାନ୍ତ କୁମାର ବିଶ୍ୱାଳ, ଶରତ ଜେନା, ଧୀରେନ୍ଦ୍ର ନାୟକ, ଜଗନ୍ନାଥ ଦାସ, ଗଣେଶ ଜେନା, ସମରେନ୍ଦ୍ର ବାରିକ୍, ବିଶ୍ୱମ୍ଭର ଦାସ, ଦିଲୀପ ସ୍ୱାଇଁ ,ସତ୍ୟାନନ୍ଦ ପାତ୍ର, ବିଜୟ କୁମାର ଲେଙ୍କା, ପୁରସ୍ତମ ଦାସ, ପ୍ରିୟନାଥ ବେହେରା, ରତିକାନ୍ତ ପରିଡ଼ା, ବିସ୍ମୟ ମଲିକ, ଚକ୍ରଧର ସିଂ, ପ୍ରମୁଖ ଉପସ୍ଥିତ ରହିଥିଲେ।



# ପ୍ରଶାସନର ଅଣଦେଖା: କେବେ ବଦଳିବ ଚେମଚଟା ପାହାଡର ଲୋଧାଙ୍କ ଭାଗ୍ୟ ଭବିଷ୍ୟତ ?

କପ୍ତିପଦା, ୦୮/୧୧ (ନି.ପ୍ର): ସମଗ୍ର ଓଡ଼ିଶାରେ ୬୨ ପ୍ରକାର ଜନଜାତିର ଲୋକ ବସବାସ କରୁଥିବାବେଳେ ୧୩ ଆଦିମ ଜନଜାତିର ଲୋକ ବାସକରନ୍ତି । ସେଥିମଧ୍ୟରୁ ଲୋଧା ଜନଜାତି ଅନ୍ୟତମ । ଜିଲ୍ଲାର ୮ଟି ବ୍ଲକ୍‌ର ୩୨ଟି ଗ୍ରାମରେ ୧୦୮୩ ପରିବାର ବସବାସ କରନ୍ତି । କପ୍ତିପଦା ବ୍ଲକ୍‌ର ସଂପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ମାଙ୍କଡ଼ପଡ଼ା ପଞ୍ଚାୟତ । ଏହି ପଞ୍ଚାୟତକୁ ଲାଗି ରହିଛି ଚେମଚଟା ପାହାଡ଼ । ଯାହାକି କୁଲଡ଼ିହା ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳ । ଏଠି ଜୀବନ ଯାତନାମୟ । ମାଟି କାମୁଡ଼ି ପଡ଼ିରହିଥିବା ମଣିଷମାନଙ୍କର ମୁହଁକୁ ନିରୀକ୍ଷଣ କଲେ ଦେଖାଯାଏ କେବଳ ଭୋକ ହିଁ ଭୋକ । ଅସରନ୍ତି ଦୁଃଖର ଅନ୍ଧାରି ଉପତ୍ୟକା ଏହି ଗ୍ରାମ । ସତେ ଯେପରି କଷଟି ପଥରରେ ଏମାନେ କଷିକଷି ଦେହକୁ ବକ୍ର କରିଛନ୍ତି । ରୋଗ ହେଲେ ରୋଗୀ ଅପେକ୍ଷା କରେ ମୃତ୍ୟୁକୁ । ସେହି ପଥର ପଥ ହିଁ ସାହାଭରସା । ମାତ୍ର କୁଢ କୁଢ ଯୋଜନା ସତ୍ତ୍ୱେ ଏମାନଙ୍କ ନିକଟରେ ବିକାଶ ପହଞ୍ଚି ପାରିନି । ସରକାରଙ୍କ ସବୁ ବିକାଶମୂଳକ ଯୋଜନା ଯେମିତି ଏହିସବୁ ଅଞ୍ଚଳ ପାଇଁ ବାଟବଣା ହୋଇଯାଇଛି । ବହୁ ବର୍ଷ ପୂର୍ବରୁ ୨୮ଟି ଲୋଧା ପରିବାର ମାଙ୍କଡ଼ପଡ଼ା ପଞ୍ଚାୟତର ପଦାଘାଟଠାରେ ଏକ ପଥର ଗୁମ୍ଫାରେ ରହୁଥିଲେ । ସେଠାରେ କିଛି ଦିନ ରହିବା ପରେ ସେମାନଙ୍କୁ ଭୋଟ ଦେବାର ସୁଯୋଗ ମିଳିଲା । ମାତ୍ର ଏମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଚୋରି ପ୍ରଭୃତି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବାରୁ ମାଙ୍କଡ଼ପଡ଼ା ଜନସାଧାରଣଙ୍କ ସହିତ ମନୋମାଳିନ୍ୟ ଘଟିଥିଲା । ସେହିଦିନଠାରୁ ସେମାନେ କୁଲଡ଼ିହା ଅଭୟାରଣ୍ୟ ସଂଲଗ୍ନ ଚେମଚଟା ପାହାଡରେ ରହିଆସୁଛନ୍ତି । ମୟୂରଭଞ୍ଜ ସୀମାନ୍ତର କୁଲଡ଼ିହା ଅଭୟାରଣ୍ୟ ଭିତରେ ଅତି ଦୟନୀୟଭାବେ କାଳାତିପାତ କରୁଥିବା ଏହି ୨୮ଟି ଲୋଧା ପରିବାର ୧୦୦ରୁ ଉର୍ଦ୍ଧ୍ୱ ଅଧିବାସୀ ସେମାନେ ଏବେ ସନ୍ଦିହାନ ଅବସ୍ଥାରେ ରହିଛନ୍ତି । ସେମାନଙ୍କର ବାସସ୍ଥାନକୁ ନେଇ ଦୁଇ ଜିଲ୍ଲା ପ୍ରଶାସନ ଉଭୟ ଉଭୟଙ୍କ ଉପରକୁ କାଦୁଅ ଫିଙ୍ଗା ଚାଲିଥିବାବେଳେ ସେଥିରେ କେବଳ ଘାଣ୍ଟି ହେଉଛନ୍ତି ଏଇ ପରିବାରଗୁଡ଼ିକ । ତେବେ କେବେ ପଡ଼ିବ ଉକ୍ତ ଅଞ୍ଚଳର ବିକାଶର ସୂର୍ଯ୍ୟାଲୋକ, ତାହା ଏବେ ବଡ଼ ପ୍ରଶ୍ନବାଚୀ । ସଞ୍ଜ ନଇଁ ଆସିଲେ ବନ୍ୟଜନ୍ତୁଙ୍କ ସହିତ ସାଥି ହୋଇ ରହିଛନ୍ତି ଏହି ପରିବାରଗୁଡ଼ିକ । ପ୍ରଶାସନ କିମ୍ବା ନେତାଙ୍କର ପାଦ ପଡ଼ିନି ଏ ଅଞ୍ଚଳରେ । ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ନଥିବାରୁ ପଦାଘାଟ ପ୍ରାଥମିକ ବିଦ୍ୟାଳୟରେ ସେମାନଙ୍କ ନାମ ଗଡୁଥିଲେ ମଧ୍ୟ ଜଙ୍ଗଲ ଓ ପାହାଡ଼ିଆ ରାସ୍ତା ଯୋଗୁଁ ପିଲାମାନଙ୍କୁ ଛାଡ଼ିବାକୁ ଅମଙ୍ଗ ହୁଅନ୍ତି ଅଭିଭାବକ । ଯଦିଓ ଅଙ୍ଗନୱାଡିଟିଏ ପ୍ରତିଷ୍ଠା ହୋଇଛି ତାହା ଛେଳି ଗୁହାଳ ଠାରୁ ହିନ। ଚୁଆ, ବିଲ ଓ ନାଳର ପାଣି ଏମାନଙ୍କର ପାନୀୟ ଜଳ ଅଟେ । ଘର ଠାରୁ ୧୦୦ ମି. ଦୂରରେ ଥିବା ବିଲ ଭିତରେ ଥିବା ଏକ ଚୁଆରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି ଏମାନେ। ଏଥିପାଇଁ ବହୁ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି, ଭଳି କୁତ୍ସିତ ମାନସିକତା ଏବେବି ବଳୋବତ୍ତର ଏଠାରେ । କୌଣସି ରୋଗୀଙ୍କୁ ଡ଼ାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀଭାର ହିଁ ଭରସା । ଭାଗ୍ୟ ଥିଲେ ଜୀବନ ଧରି ଗାଁକୁ ଫେରେ ରୋଗୀ । ଜଙ୍ଗଲ ଥିଲା ଏମାନଙ୍କର ସବୁକିଛି । ଦିନେ ଜଙ୍ଗଲ ନଗଲେ ଘରେ ଚୁଲି ଜଳୁନଥିଲା । ମାତ୍ର ଜଙ୍ଗଲ ଜାତ ଦ୍ରବ୍ୟ ଉପରେ କଟକଣା ଲାଗୁ ପରେ ଚିରାଚରିତ ଭାବେ ବଂଚୁଥିବା ଏହି ପରିବାର ଆହାର ଉପରେ ପାହାର ପଡ଼ିଛି । ଶାଳପତ୍ର ଖଲି ତିଆରି କରି ମାଙ୍କଡ଼ପଡ଼ା ହାଟରେ ଆସି ବିକ୍ରି କଲେ ପରିବାର ମୁହଁକୁ ଦାନା ଯାଉଥିଲା। ଏ ସଂପର୍କରେ ବହୁବାର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବଙ୍କୁ ସେମାନଙ୍କର ସମସ୍ୟା ସଂପର୍କରେ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନି । ଯଦିଓ ୨୦୨୧ ମସିହା ଜୁଲାଇ ମାସରେ ଜନଜାତିମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ଏବଂ ସେମାନଙ୍କର ପରମ୍ପରା, ସଂସ୍କୃତିକୁ ବଞ୍ଚାଇବା ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଥିବାର ଘୋଷଣା କରିଥିଲେହେଁ ସେ ଘୋଷଣା ଏବେ ସରକାରଙ୍କ ନାଲି ଫାଇଲ୍ ତଳେ ପଡ଼ିରହିଛି । କୁଲଡ଼ିହା ଅଭୟାରଣ୍ୟ ଭିତରେ ବାସସ୍ଥାନ ଥିବାରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ପ୍ରତିନିଧି, ଡ଼ିଏଫଓ ଏବଂ ଜଙ୍ଗଲ ବିଭାଗ ଏବଂ ଉଭୟ ଜିଲ୍ଲା ପ୍ରଶାସନିକ ଅଧିକାରୀ ଚେମଚଟାରେ ବସବାଦ କରୁଥିବା ଲୋଧାମାନଙ୍କ ନିକଟକୁ ଯାଇ ଥଇଥାନର ଗୋଲାପି ଚିତ୍ର ବଖାଣିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ତେବେ ତଥାପି ଆଶା ଅଛି ସରକାର ମହୋଦୟ ତାଙ୍କ ପ୍ରତି ସମବେଦନା ଦେଖାଇ ଥଇଥାନ କରିବେ । ସେମାନେ ଜାଣିଛନ୍ତି କୁଲଡ଼ିହା ଅଭୟାରଣ୍ୟରେ ସେମାନଙ୍କର ବାସ ବେଶିଦିନ ନୁହଁ । ତେଣୁ ଆଶାର ଦୁଆର ବନ୍ଧ ସାମ୍ନାରେ ବସିଥିବା ଲୋଧା ଜନଜାତିଙ୍କୁ କେବେ ତାଙ୍କର ସ୍ଥାୟୀ ପରିଚୟ ମିଳିବ ତାହା ସମୟ ହିଁ କହିବ ।



# ବସ୍ କାର୍ ମୁହାଁ ମୁହିଁ ଧକ୍କା: ବାଇକ୍ ଆରୋହୀ ଗୁରୁତର

ବସ୍ତା, ୦୮/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ ର ଇନ୍ଦିରା ଛକ ନିକଟରେ ବାଇକ ଆରୋହୀକୁ ବଞ୍ଚାଇବାକୁ ଯାଇ ବସ କାର ମୁହାଁ ମୁହିଁ ଧକ୍କା ।ବାଇକ ଆରୋହୀ ଗୁରୁତର। ସୂଚନା ଅନୁସାରେ ଶୁକ୍ରବାର ଅପରାହ୍ନ ରେ ରାଜପଥ ଉପରେ ଏକ ବାଇକ ଏବଂ ଏକ କାର ଜଳେଶ୍ୱର ଆଡକୁ ଯାଉଥିବା ସମୟରେ, ହଠାତ୍ ରଙ୍ଗ୍ ରୋଡରେ ଅନ୍ୟଏକ ବାଇକ ଦୃତ ଗତିରେ ଆସୁଥିଲା ଓ ତତସହିତ ଜଳେଶ୍ୱର ରୁ ବାରିପଦା ଯାଉଥିବା ଯାତ୍ରୀବାହୀ ବସ୍ 'ରିୟା' ମଧ ରଙ୍ଗରୋଡ ରେ ଆସିଯିବା ଯୋଗୁଁ କାର ଆଗରେ ଯାଉଥିବା ବାଇକ ଆରୋହୀ ଇତଃସ୍ତତ ହୋଇ ରାସ୍ତା କଡରେ ଥିବା ଡାଇଭରସନ ଆଡ଼କୁ ମାଡ଼ି ଯାଇଥିଲେ। ହେଲେ ଆଗରେ ବସ ଥିବା କାରଣ ରୁ ଯାଇପାରିନଥିଲେ ।ଫଳରେ ବାଇକ ଆରୋହୀ ଉଭୟ କାର ଓ ବସ ମଝିରେ ରହି ଯାଇଥିଲେ। ଘଟଣାସ୍ଥଳରେ ବାଇକ ଡ୍ରାଇଭର ଗୁରୁତର ହୋଇଥିବା ବେଳେ ତାଙ୍କ ର ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ଜାତୀୟ ରାଜପଥ କର୍ତୃପକ୍ଷ, ଅମର୍ଦା ଫାଣ୍ଡି ଅଧିକାରୀ, ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର କୁ ବସ୍ତା ମେଡିକାଲ ପଠାଇଥିବା ବେଳେ ତିନୋଟି ଗାଡ଼ି କୁ ଜବତ କରିଛି ପୋଲିସ। ତେବେ ଅମର୍ଦା ରୋଡ଼ ଠାରେ ବାୟପାଶ ରାସ୍ତା ଥିଲେ ମଧ ବସ ଗୁଡିକ ଓଭରଲୋଡ ନେଇ ରଙ୍ଗ ରୋଡରେ ଆସିବା ଯୋଗୁଁ ଦୂର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ମାନେ କହିଛନ୍ତି। ତେବେ ଗୁରୁତର ବାଇକ ଆରୋହିର ପରିଚୟ ମିଳିପାରିନାହିଁ।



# ରାଂଚି ବିମାନବନ୍ଦରରେ ରାହୁଲ ଗାନ୍ଧିଙ୍କୁ ସ୍ୱାଗତ କଲେ କଂଗ୍ରେସ ନେତା

ରାଂଚି, ୦୮/୧୧ : କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ପାଇଁ ଶୁକ୍ରବାର ଝାଡ଼ଖଣ୍ଡର ରାଂଚି ବିମାନବନ୍ଦରରେ ପହଂଚି ଥିଲେ । ସେଠାରେ ତାଙ୍କୁ କଂଗ୍ରେସର ରାଜ୍ୟ ପ୍ରଭାରୀ ଗୁଲାମ ଅହମ୍ମଦ ମୀର ଏବଂ ରାଜ୍ୟ ଅଧ୍ୟକ୍ଷ କେଶବ ମହତୋ କମଲେଶ ସମେତ ଅନ୍ୟ ନେତାମାନେ ସ୍ୱାଗତ କରିଥିଲେ । ଏଠାରୁ ରାହୁଲ ହେଲିକପ୍ଟର ଯୋଗେ ସିମଡେଗା ଅଭିମୁଖେ ଯାତ୍ରା କରିଥିଲେ । ସେ ସିମଡେଗାରେ ମହାମେଂଟର ପ୍ରାର୍ଥୀ ଭୂଷଣ ବାଡ଼ାଙ୍କ ସପକ୍ଷରେ ଜନସଭାକୁ ସମ୍ବୋଧିତ କରିବେ ।

# ପାରାଦ୍ୱୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୪ର ଷଷ୍ଠ ସନ୍ଧ୍ୟା: ସାମୁଦ୍ରିକ ବିଭାଗର ନାଟକ 'ବାକ୍ସ' ମଞ୍ଚସ୍ଥ

ପାରାଦ୍ୱୀପ , ୦୮/୧୧ (ନି.ପ୍ର): ପାରାଦ୍ୱୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ ୨୦୨୪ର ସାମୁଦ୍ରିକ (ମେରାଇନ୍) ବିଭାଗର କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟମାନେ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚନା ଓ କ୍ୟାପଟେନ ସୂର୍ଜେନ୍ଦୁ ବିକାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ଜୟଦେବ ସଦନ ଠାରେ ମଞ୍ଚସ୍ଥ କରିଥିଲେ ନାଟକ 'ବାକ୍ସ 'ଯାହାକି ବାପାଙ୍କ ଟିଣ ବାକ୍ସର କାହାଣୀ ଉପରେ ପର୍ଯ୍ୟବେସିତ। ଆମେ ସଭିଏଁ ପରିବାରରେ ବଢ଼ିଛେ । ପରିବାରରେ ଜଣେ ମୂରବୀ ଥାଆନ୍ତି ଯାହାଙ୍କ କଥା କୁହାଯାଉଛି। ସିଏ ହେଲେ ବାପା । ବୟସ ଅତିକ୍ରାନ୍ତ, ଅପରାହ୍ନର ପାଦ ଦେଶରେ । ଆଇ ମା କାହାଣୀ ପେଡ଼ି ଭଳି ଆମ ଘରେ ଅଛି ଗୋଟିଏ ବାକ୍ସ । ଖୁବ ଗୁପ୍ତ ଆଉ ଅପ୍ରକାସ୍ୟ । ମନରେ ଅନେକ ପ୍ରଶ୍ନ । କଣ ଅଛି ସେଇ ବାକ୍ସ ଭିତରେ ? କିଛି ଗୁପ୍ତଧନ ନା କିଛି ଅଶ୍ରପି ! ସମୟ ସହ ତାଳ ଦେଇ ଚାଲି ଚାଲି ଥକି ନାହାନ୍ତି ସେଇ ମଣିଷଟି । ଚାରିପାଖରେ ଅନେକ ଚରିତ୍ର ଆତଯାତ । ହେଲେ ବାକ୍ସ ପ୍ରତି କାହିଁକି ଏତେ ଦୁର୍ବଳତା ! କଣ ପାଇଁ ବାକ୍ସଟି ସଭିଙ୍କର ଅଭିଳାଷର କେନ୍ଦ୍ରବିନ୍ଦୁ ? ସବୁ ପ୍ରଶ୍ନର ଉତ୍ତର ଦେଇଛି ନାଟକ '' ବାକ୍ସ '। ସାମୁଦ୍ରିକ ବିଭାଗ (ମେରାଇନ) ପକ୍ଷରୁ ବିକ୍ରମ ପରିଡ଼ା, ଲିଲି, ଇତିଶ୍ରୀ, ମନବି, ସଂଜିତ୍, ଗୋକୁଲି, ବାବାଜୀ, ବିରଞ୍ଚି, ଜେବିଏନ୍, ନୃସିଂହ, କ୍ରିଷ୍ଣା ରାଓ ଆଦି କଳାକାର ମାନେ ଅଭିନୟ କରିଥିଲେ । କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ ।



# କେଜରିୱାଲଙ୍କ ଭିଭିଆଇପି କଲଚର ସବୁଠୁ ବଡ ପ୍ରତୀକ: ବିଜେପି

ନୂଆଦିଲ୍ଲୀ, ୦୮/୧୧ : ବିଜେପି ଶୁକ୍ରବାର ଆମ୍ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜରିୱାଲଙ୍କ ଉପରେ ଦୁର୍ନୀତି କରିବାର ଓ ଭିଭିଆଇପି କଲଚର ଆପଣାଇବାର ଅଭିଯୋଗ ଆଣିଛି । ପାର୍ଟି ପକ୍ଷରୁ କୁହାଯାଇଛି ଯେ, ଆକାରରେ ବଡ କପଡା ପିନ୍ଧି ସାଧାରଣ ଲୋକ ହେବାର ଦାବି କରୁଥିବା ଆପ୍ ନେତା ଆଲିସାନ କାଚମହଲରେ ରହିଥାନ୍ତି । ପାର୍ଟି ମୁଖ୍ୟାଳୟରେ ଆଜି ଆୟୋଜିତ ପ୍ରେସମିଟରେ ବିଜେପି ନେତା ଗୌରବ ଭାଟିଆ ନିକଟରେ ପିଡବ୍ଲୁଡି ପକ୍ଷରୁ ତିଆରି ଇନଭେଂଟରି ଆଧାରରେ ଅଭିଯୋଗ କରିଛନ୍ତି ଯେ, ଅରବିନ୍ଦ କେଜରିୱାଲ ଭିଭିଆଇପି କଲଚରର ସବୁଠୁ ବଡ ପ୍ରତୀକ ଅଟନ୍ତି ସେ କହିଛନ୍ତି ଯେ, ଦିନେ କେଜରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିବା ଶୀଲା ଦୀକ୍ଷିତଙ୍କ ବାସଭବନରେ ୧୦ ଏସି ଥିବାର ପ୍ରସଙ୍ଗ ଉଠାଉଥିଲେ, କିନ୍ତୁ ଏବେ ତାଙ୍କ ବାସଭବରେ ୨୫୦ଟନର ଏସି ଲାଗିଛି । ସେ ଏକ କୋଟି ଟଙ୍କାର ସମୋସା ଖାଉଛନ୍ତି । ବାସଭବନରେ ୮୮ ଇଂଚର ଟିଭି ରହିଛି ।

# ବେତନଟୀ ଡାକ୍ତରଖାନାରେ ନୂତନ ଭେଷଜ ବିଶେଷଜ୍ଞଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବେତନଟୀ, ୦୮/୧୧ (ନି.ପ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ବେତନଟୀ ସିଏଚସିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣେ ଅଭିଜ୍ଞ ଭେଷଜ ବିଶେଷଜ୍ଞ ଡାକ୍ତର ପାର୍ଥ ସାରଥୀ ମହାନ୍ତି (ଏମଡି) ଯୋଗଦେଇ ଥିବାରୁ ଏ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଆଜି ବେତନଟୀର ଅଗ୍ରଣୀ ଛାତ୍ର ସଂଗଠନ ଆମ୍ଭେ-୮୩ ତରଫରୁ ଏକ ପ୍ରତିନିଧିଦଳ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ । ବେତନଟୀର ଜନସାଧାରଣଙ୍କ ନିମନ୍ତେ ସେ ସମର୍ପିତ ବୋଲି କହିଥିଲେ । ସପ୍ତାହର ତିନିଦିନ- ସୋମବାର, ବୁଧବାର ଓ ଶୁକ୍ରବାର ଉପସ୍ଥିତ ରହି ରୋଗୀମାନଙ୍କର ସେବା କରିବେ ବୋଲି କହିଥିଲେ ।



# ମହିଳା କଲେଜ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ବାଲିଆପାଳ , ୦୮/୧୧ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି କମଳ କୁମାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ରତାଇ ଦୁର୍ଗା ପୂଜା ଓ ମେଳା ପଡିଆ କୁ ସଫେଇ କରାଯାଇଛି । ପାର୍ବଣ ମେଳା ଯୋଗୁଁ ପଡ଼ିଆଟି ଅପରିଷ୍କାର ଓ ପୂତି ଗନ୍ଧମୟ ହୋଇ ଯାଇଥିଲା। ମହା ବିଦ୍ୟାଳୟ ର ଜାତୀୟ ସେବା ଯୋଜନା ର ଛାତ୍ରୀମାନେ ପଡିଆରେ ଅନା ବନା ଘାସ, ପତ୍ର, ଛିଣ୍ଡା କାଗଜ,ପଲିଥିନ, ଥର୍ମୋ କୋଲ ଗ୍ଲାସ, ପ୍ଲେଟ, ଥାଳିଆ ଆଦିକୁ ସଫା କରି ପୋଡିଛନ୍ତି। ରାସ୍ତା ଘାଟ ମଧ ପରିଷ୍କାର ପରିଚ୍ଛନ୍ନ କରିଛନ୍ତି। ସଫେଇ କାର୍ଯ୍ୟକ୍ରମ କୁ ଅଧକ୍ଷ ରାଜ କିଶୋର ବାରିକ, ଏନ ଏସ ଏସ ର ପ୍ରୋଗ୍ରାମ ଅଫିସର ଡ଼ଃ ଲକ୍ଷ୍ମୀ କାନ୍ତ ରଥ, ଅଧ୍ୟାପକ ବନମାଳୀ ପରିଡା, କୃଷ୍ଣା ନନ୍ଦ ପାତ୍ର, ସୁଧୀର କୁମାର ନନ୍ଦ, ଚନ୍ଦନ ନନ୍ଦ, ଅଧ୍ୟାପିକା ସବିତା ସାହୁ, ସରୋଜିନୀ ପରିଡା ପ୍ରମୁଖ ପରିଚାଳନା କରିଥିଲେ।



# ବାଲିଆପାଳ ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

ଲଙ୍ଗଳେଶ୍ୱର, ୦୮/୧୧ (ନି.ପ୍ର): ବାଲିଆପାଳ ପଞ୍ଚାୟତ ସମିତି ବୈଠକରେ ଆଜି ପ୍ରବଳ ହଟଗୋଳ ହୋଇଛି। ଜଳ ଯୋଗାଣ, ରାସ୍ତା ଘାଟ, ବିଦ୍ୟୁତ କରଣ, ଉଦ୍ୟାନ କୃଷି, ଆମ୍ବା,ଗ୍ରାମ୍ୟ ଉନ୍ନୟନ, ଶିକ୍ଷା ସମ୍ବନ୍ଧୀୟ ବିଷୟ କୁ କେନ୍ଦ୍ର କରି ସଦସ୍ୟ ମାନେ ପ୍ରବଳ ହଟଗୋଳ କରିଥିଲେ। ଏମପି ପ୍ରତାପ ଷଡ଼ଙ୍ଗୀ, ଏମ ଏଲ ଏ ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ଚେୟାରମ୍ୟାନ ରଞ୍ଜିତା ନାୟକ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବିଡ଼ିଓ ପୁନମ ରାଉତ, ଏ ବିଡ଼ିଓ ଶରତ କୁମାର ମୁଦୁଲି, ନିର୍ବାହୀ ଯନ୍ତ୍ରୀ ସୌମ୍ୟ ମୁକୁଲ ବାରିକ, ପିଓ ନିରୋଦ କୁମାର ବେହେରା ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଏ ବିଡ଼ିଓ ଶରତ କୁମାର ମୁଦୁଲି। ସମସ୍ତ ପି ଆର ଆଇ ମେମ୍ବର, ବିଭିନ୍ନ ବିଭାଗ ସରକାରୀ ପଦାଧିକାରୀ ଉପସ୍ଥିତ ଥିଲେ।ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo